Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:217✦4 December 2025 (Thursday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୧୭✦୪ ଡିସେମ୍ବର ୨୦୨୫ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଫେବୃଆରି ୧୮ରୁ ଯୁକ୍ତ୨ ବାର୍ଷିକ ପରୀକ୍ଷା

ପ୍ରଥମ ଥର ୱେବ୍ କାଷ୍ଟିଙ୍ଗ୍ ବ୍ୟବସ୍ଥା

ଭୁବନେଶ୍ୱର,୩/୧୨(ନି/ପ୍): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବାର୍ଷିକ ପରୀକ୍ଷା ୨୦୨୬ ଫେବୃଆରି ୧୮ ତାରିଖ ଠାରୁ ଆରମ୍ଭ ହେବ । ଏହି ପରୀକ୍ଷା ମାର୍ଚ୍ଚ ୨୧ ତାରିଖରେ ଶେଷ ହେବ । ପରୀକ୍ଷା ଆରମ୍ଭ ହେବା ଠାରୁ ଶେଷ ହେବା ପାଇଁ ୨୨ ଦିନ ଲାଗିବ । ସୂଚୀ ଅନୁସାରେ ବାର୍ଷିକ ପରୀକ୍ଷା ସକାଳ ୧୦ଟାରୁ ଅପରାହ୍ନ ୨ଣ ୨ଟା ପର୍ଯ୍ୟନ୍ତ ଜାରି ରହିବ । ପିଲାମାନେ ପରୀକ୍ଷା ହଲ୍ ଭିତରକୁ ପରୀକ୍ଷା ଆରମ୍ଭ ହେବାର ଅଧ ଘଣ୍ଟା ଭିତରେ ପ୍ରବେଶ କରିବେ । ପରୀକ୍ଷାର ୫ମିନିଟ୍ ଆଗରୁ ପିଲାମାନଙ୍କୁ ପ୍ରଶ୍ନପତ୍ର ଦିଆଯିବ । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆଜି ଅପରାହ୍ନରେ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ପରୀକ୍ଷା ପାଇଁ ମୋଟ୍ ୪,୦୦,୭୩୭ ଛାତ୍ରଛାତ୍ରୀ ଫର୍ମ ଫିଲପ୍ କରିଛନ୍ତି । ବୋର୍ଡ ପରୀକ୍ଷାରେ ପ୍ରଥମ ଥର ୱେବ କାଷ୍ଟିଙ୍ଗ, ସିସିଟିଭି ଓ ଲାଇଭ ସ୍ଟ୍ରିମିଂ ହେବ । ପରୀକ୍ଷା ନିୟନ୍ତ୍ରଣ ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି, ପରୀକ୍ଷା ପାଇଁ ମୋଟ୍ ୨୪,୦୦,୭୩୭ ଛାତ୍ରଛାତ୍ରୀ ଫର୍ମ ଫିଲପ୍ କରିଛନ୍ତି । ଚଳିତ ବର୍ଷ ଜଳରେ ୨,୫୬,୦୪୩ ଛାତ୍ରଛାତ୍ରୀ, ବିଜ୍ଞାନରେ ୧,୯୪,୫୨୩୮, ବାଣିଜ୍ୟରେ ୨୪,୫୩୩ ଛାତ୍ରଛାତ୍ରୀ ଓ ଧନ୍ଦାମୂଳକ ପରୀକ୍ଷା ପାଇଁ ୫,୯୨୩ ଛାତ୍ରଛାତ୍ରୀ ଫର୍ମଫିଲପ୍ କରିଛନ୍ତି । ରାଜ୍ୟବ୍ୟାପୀ ୩୦ଟି ଜିଲ୍ଲାରେ ୧୩୫୦ ପରୀକ୍ଷା କେନ୍ଦ୍ର ପାଇଁ ଯୋଜନା ଅଛି । ଆବଶ୍ୟକ ଅନୁସାରେ ଏଥିରୁ ଅଳ୍ପ କିଛି ପରିବର୍ତ୍ତନ ହୋଇପାରେ । ଆସନ୍ତା ୧୫ ତାରିଖ ଠାରୁ ଛାତ୍ରଛାତ୍ରୀଙ୍କ ପାଇଁ ଆଡମିଟ କାର୍ଡ ଜାରି କରାଯିବ । ସେହିପରି ପ୍ରାକ୍‌କାଳ ପରୀକ୍ଷା ଜାନୁଆରି ୨ ତାରିଖ ଠାରୁ ଆରମ୍ଭ କରାଯାଇ ୧୫ ତାରିଖ ପର୍ଯ୍ୟନ୍ତ ଶେଷ କରାଯିବ । ଗତବର୍ଷ ଭୁଲିକରେ ଯେମିତି ପରିଚାୟ ହେଉଥିଲା, ଚଳିତ ବର୍ଷ ମଧ୍ୟ ସେହିଭଳି ପଦକ୍ଷେପ ନିଆଯାଇଛି । ଗତଥର ପରୀକ୍ଷା କ୍ଷେତ୍ରରେ ଆମେ ସ୍ୱଚ୍ଛତା ଆଣିପାରିଥିଲୁ । ପୂର୍ବରୁ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଷ୍ଟାର୍ଟ ରହୁଥିଲେ । ଏଥର ତାହାକୁ ୨ଟି କରିଦିଆଯାଇଛି ।

ଜଙ୍ଗେସ୍‌ରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଟାର୍ଗେଟ୍ : 'ଗୃହରେ ବାଧା ସୃଷ୍ଟି କରିବା ହେଉଛି ଅହଙ୍କାରୀ କଂଗ୍ରେସ ରାଜନୀତିର ମୂଳ ଚରିତ୍ର'

ନୂଆଦିଲ୍ଲୀ,୩/୧୨ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଙ୍ଗେସ୍ରେ ଏବଂ ବିରୋଧୀ କଂଗ୍ରେସ ଟାର୍ଗେଟ୍ କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ଜଙ୍ଗେସ ଏବଂ ଏହାର 'ଅହଙ୍କାରୀ କଂଗ୍ରେସ' ସଂସଦ ଅଧିବେଶନକୁ ବାଧା ଦେବା ନିମନ୍ତେ ଲଗାତାର ନୂଆ ବାହାନା ଖୋଜୁଛନ୍ତି ଏବଂ ଜନସାଧାରଣଙ୍କ ଜନାବେଶକୁ ସମ୍ମାନ କରିବାରେ ବିଫଳ ହୋଇଛନ୍ତି । ଏକ ସୋସିଆଲ ମିଡିଆ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ବିରୋଧୀ କେତେବେଳେ ଅଧିବେଶନ ସମୟରେ ହଙ୍ଗାମା କରନ୍ତି ଏବଂ କେତେବେଳେ ରାସ୍ତାରେ ନାଟକ କରନ୍ତି, ଏବଂ ଏହା ସେମାନଙ୍କ ରାଜନୀତିର ପ୍ରମୁଖ ପରିଚୟ ପାଲଟିଛି । ସେ ଅଭିଯୋଗ କରିଛନ୍ତି ଯେ, ବିରୋଧୀ ସଦସ୍ୟଙ୍କୁ ଚପାଇଦେବାକୁ ଏବଂ ବୃଦ୍ଧ ପ୍ରସାର କରିବାକୁ ପ୍ରଚେଷ୍ଟା କରୁଛି, ଯେତେବେଳେ କି ନିଜକୁ ଗଣତନ୍ତ୍ର ଓ ସମ୍ବିଧାନର ରକ୍ଷକ ବୋଲି କହୁଛି ।

ବିମାନସେବା ପ୍ରଭାବିତ :

ବିମାନବନ୍ଦରରେ ଫସି ରହିଛନ୍ତି ୧୦୦୦ରୁ ଅଧିକ ଯାତ୍ରୀ

ହାଇଦ୍ରାବାଦ,୩/୧୨ : ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ଚଳାଚଳରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଛି । ମୁମ୍ବାଇ, ଅହମ୍ମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ ଏବଂ ଦିଲ୍ଲୀକୁ ଯାଉଥିବା ଅନେକ ବିମାନ ଏହାଦ୍ୱାରା ପ୍ରଭାବିତ ହୋଇଛି । ଯାହାଫଳରେ ଗତକାଲି ରାତିରୁ ପ୍ରାୟ ୧୦୦୦ଜଣ ଯାତ୍ରୀ ବିମାନବନ୍ଦରରେ ଫସି ରହିଛନ୍ତି । ସୂଚନାଯୋଗ୍ୟ, ମଙ୍ଗଳବାର ଏବଂ ବୁଧବାର ରାତି ୨ଟାରେ ଉଡ଼ିବାକୁ ନିର୍ଦ୍ଧାରିତ ହୋଇଥିବା ବିମାନକୁ ବୁଲ ଘଣ୍ଟା ପର୍ଯ୍ୟନ୍ତ ରନୱେରେ ଅଟକାଇ ଦିଆଯାଇଥିଲା । କିଛି ସମୟ ପରେ ଉକ୍ତ ବିମାନ ଭିତରେ ବସିଥିବା ଯାତ୍ରୀମାନଙ୍କୁ ଓହ୍ଲାଇ ଦିଆଯାଇ ବିମାନବନ୍ଦର ଟର୍ମିନାଲରେ ଅପେକ୍ଷା କରିବାକୁ କୁହାଯାଇଥିଲା । ଏଭଳି ପରିସ୍ଥିତିରେ ଯେଉଁ ଯାତ୍ରୀମାନଙ୍କୁ ସଂଯୋଗକାରୀ ବିମାନ ଧରିବାର ଥିଲା କିମ୍ବା ଜିସା ସାକ୍ଷାତକାର ପାଇଁ ବିଭିନ୍ନ ସହରକୁ ଯାତ୍ରା କରିବାର ଯୋଜନା ଥିଲା ସେମାନଙ୍କୁ ଅଧିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । ଯାତ୍ରୀକୁ ନେଇ ବିମାନବନ୍ଦରରେ ଇଣ୍ଡିଗୋ କର୍ମଚାରୀମାନେ ଯାତ୍ରୀଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେବାରୁ ନାହାଁନ୍ତି, ଯେଉଁ କାରଣରୁ ପରିସ୍ଥିତିକୁ ଆହୁରି ବିଗଡ଼ି ଯାଇଛି । ଜଣେ ପ୍ରଭାବିତ ଯାତ୍ରୀ କହିଛନ୍ତି, ' ଜଣେ ଅଧିକାରୀ କହିଛନ୍ତି, 'ଆମେ ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ । ଯଥାଶୀଘ୍ର ସେଗୁଡ଼ିକୁ ସମାଧାନ କରିବା ପାଇଁ କାମ କରୁଛୁ । ଯାତ୍ରୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ ଆମେ ଦୁଃଖୀତ । ସମସ୍ତଯାତ୍ରୀଙ୍କୁ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯାଉଛି । ଯାତ୍ରୀଙ୍କୁ ଧୈର୍ଯ୍ୟ ରଖିବାକୁ ଅନୁରୋଧ । ଖୁବଶୀଘ୍ର ସ୍ଥିତିରେ ସୁଧାର ଆସିଯିବ ।

ମଣ୍ଡି ବାୟିତ୍ୱରେ ରହିବେ ମନ୍ତ୍ରୀ

ଭୁବନେଶ୍ୱର,୩/୧୨(ନି/ପ୍): ପ୍ରତ୍ୟେକ ଜିଲ୍ଲା ପାଇଁ ଜଣେ ଜଣେ ମନ୍ତ୍ରୀଙ୍କୁ ମଣ୍ଡି ବାୟିତ୍ୱ ଦିଆଯାଇଛି । ମନ୍ତ୍ରୀମାନେ ବିଭିନ୍ନ ମଣ୍ଡି ବୁଲି ସ୍ଥିତି ଅନୁଧ୍ୟାନ କରିବେ । ଧାନ ସଂଗ୍ରହ ସମୟରେ ସମନ୍ୱୟ ପାଇଁ ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଛି ବୋଲି ଆଜି ଗୁରୁରେ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଜିଲ୍ଲାପାଳ ପ୍ରତ୍ୟେକ ମଣ୍ଡିରେ ଜଣେ ଜଣେ ଅଫିସରଙ୍କୁ ଦାୟିତ୍ୱ ଦେବେ । ଅଫିସରମାନେ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ । ସମବାୟ, ପଂଚାୟତିରାଜ, ଖାଦ୍ୟ ଯୋଗାଣ ଭଳି ବିଭାଗ ସମନ୍ୱୟ ରଖି କାର୍ଯ୍ୟ କରିବେ ।

ସମୁଦ୍ରରେ ଭାରତର ଜଳଓ୍ୱା ଜାରି !

ଆସୁଛି ତୃତୀୟ ପରମାଣୁ ବୁଡ଼ାଜାହଜ ଆଇଏନ୍‌ଏସ ଅରିଦମନ

ନୂଆଦିଲ୍ଲୀ,୦୩/୧୨; ସମୁଦ୍ରରେ ବଢିବ ଭାରତର ଶକ୍ତି । ଉଡ଼ିବ ଶତ୍ରୁର ନିଦ । ଚୀନ-ପାକିସ୍ଥାନ ତ ଦୂର କଥା ଆମେରିକା ବି ଥରିବ । ଆସୁଛି ଭାରତର ସମୁଦ୍ର ଶିକାରୀ । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ତୃତୀୟ ପରମାଣୁ କ୍ଷମତାସମ୍ପର୍ଣ୍ଣ ବୁଡ଼ାଜାହଜ ଆଇଏନଏସ୍ ଅରିଦମନ ଖୁବଶୀଘ୍ର ନୌସେନାରେ ସାମିଲ ହେବ । ନୌସେନା ମୁଖ୍ୟ ଆଡମିରାଲ ବିନେଶ କେ ତ୍ରିପାଠୀ ଏ ସମ୍ପର୍କରେ ଘୋଷଣା କରିଛନ୍ତି । ବାର୍ଷିକ ପ୍ରାଇ୍-ନୌସେନା ଦିବସ ସମ୍ମିଳନୀରେ ଆଡମିରାଲ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି । ଆଇଏନଏସ ଅରିଦମନ ୩୫୦୦ କିଲୋମିଟର ରେଞ୍ଜ ଏବଂ ଜେ-୪ ଏସଏଲବିଏମ ସହିତ ସଜ୍ଜିତ । ଭାରତର ସାମୁଦ୍ରିକ ସୀମା ପୂର୍ବ ଅପେକ୍ଷା ଅଧିକ ସୁରକ୍ଷିତ ହେବାକୁ ଯାଉଛି । ଭାରତୀୟ ନୌସେନା ଏହାର ପରମାଣୁ ଟ୍ରାଏଡ ସବୁଠାରୁ ଶକ୍ତିଶାଳୀ ସଂଯୋଗକୁ ସୁଦୃଢ଼ କରିବା ପାଇଁ ଦ୍ୱାରଦେଶରେ ଅଛି । ଦେଶର ତୃତୀୟ ସ୍ୱଦେଶୀ ପରମାଣୁ-ଚାଳିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବୁଡ଼ାଜାହାଜ ଓଘଟ ଅରିଦମନ ଏହାର ଶେଷ ପରୀକ୍ଷଣରେ ଅଛି ଏବଂ ଖୁବ୍ ଶୀଘ୍ର ଏହାକୁ ନୌସେନାରେ ସାମିଲ କରାଯିବ । ଏହି ବୁଡ଼ାଜାହାଜ ସମୁଦ୍ର ଶିକାରୀ ହେବ । ହଜାର ହଜାର କିଲୋମିଟର ଦୂରରେ ଶତ୍ରୁମାନଙ୍କୁ ଆକ୍ରମଣ କରିବାକୁ ସକ୍ଷମ ହେବ । ଆଇଏନଏସ ଅରିଦମନ ପରୀକ୍ଷଣର ତୃତୀୟ ପର୍ଯ୍ୟାୟରେ ରହିଛି । ଏହା ଦୂରଗାମୀ କ୍ଷେପଣାସ୍ତ୍ରରେ ସଜ୍ଜିତ ହୋଇଥିବାରୁ ସମୁଦ୍ରରେ ଭାରତର କ୍ଷମତା ବୃଦ୍ଧି କରିବ । ଦେଶର ପରମାଣ ସିଦ୍ଧାନ୍ତ ସହିତ ଏହା ଭାରତର ଆକ୍ରମଣ କ୍ଷମତା ବୃଦ୍ଧି ଏବଂ ସୁରକ୍ଷିତ ରହିବାରେ ସକ୍ଷମ । ତିରୁଅନନ୍ତପୁରମରେ ନୌସେନା ଦିବସ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିବାବେଳେ ଏହା ପୂର୍ବରୁ ଏହି ଘୋଷଣା କରାଯାଇଛି । ପୂର୍ବରୁ ପରମାଣୁ ଅରିହାନ୍ତ ନୌସେନାରେ ସାମିଲ ହୋଇଥିଲା । ଆଇଏନ୍‌ଏସ୍ ଅରିହାନ୍ତ ଅଗଷ୍ଟ ୨୯., ୨୦୨୪ରେ ବିଶାଖାପାଟଣାରେ ନୌସେନାରେ ସାମିଲ ହୋଇଥିଲା । ଗତ ନୌସେନା ଦିବସଠାରୁ ଏପର୍ଯ୍ୟନ୍ତ ୧୨ଟି ଯୁଦ୍ଧଜାହଜ ନୌସେନାରେ ସାମିଲ ହୋଇଥିବା ଆଡମିରାଲ ତ୍ରିପାଠୀ ସୂଚନା ଦେଇଛନ୍ତି ।

ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ଟ୍ରମ୍ପଙ୍କ ବଡ଼ ବୟାନ

"ମୁଁ ୮ ଥର ବନ୍ଦ କରିଛି, ହେଲେ ଏହାକୁ ରୋକିବା"...

ୱାଶିଂଟନ,୩/୧୨ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଦାବୀ କରିଛନ୍ତି । ୱାଶିଂଟନରେ ଏକ କ୍ୟାବିନେଟ ବୈଠକ ପୂର୍ବରୁ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ସେ କହିଛନ୍ତି ଯେ ଏହି ସଂଘର୍ଷ ଏକ ବହୁତ ଜଟିଳ ପରିସ୍ଥିତି ଏବଂ ଏହାର ସମାଧାନ କରିବା ସହଜ ହେବ ନାହିଁ । ଟ୍ରମ୍ପ ଦାବି କରିଛନ୍ତି ଯେ ସେ ପୂର୍ବ ଆଠଟି ଯୁଦ୍ଧର ସମାଧାନ କରିଛନ୍ତି ଏବଂ ଏହା ନବମ ହୋଇପାରେ, ଯାହାକୁ ତାଙ୍କ ଦଳ କର୍ଜମାନ ରୁଷରେ ସମାପ୍ତ କରିବା ପାଇଁ ଆଲୋଚନା କରୁଛନ୍ତି । ଟ୍ରମ୍ପ କହିଛନ୍ତି, "ଆମେ ଏହି ଯୁଦ୍ଧକୁ ଶେଷ କରିବାକୁ ଚେଷ୍ଟା କରୁଛୁ । ଆମେ ଏହାକୁ ସମାଧାନ କରିପାରିବୁ କି ନାହିଁ ତାହା ଦେଖିବା ପାଇଁ ଏବେ ରୁଷରେ ଲୋକ ଅଛନ୍ତି । କିନ୍ତୁ ଏହା ସହଜ ନୁହେଁ । ପରିସ୍ଥିତି ବହୁତ ବିଗିଡ଼ି ଯାଇଛି ।" ୟୁକ୍ରେନିଆର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଆୟରଲ୍ୟାଣ୍ଡ ଗସ୍ତ କରୁଥିବା ସମୟରେ ଟ୍ରମ୍ପଙ୍କ ମନ୍ତବ୍ୟ ଆସିଛି । ଡବଲିନରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଜେଲେନ୍ସକି ଶାନ୍ତି ଆଲୋଚନା ବିଷୟରେ ମଧ୍ୟ ସାମାନ୍ୟ ଆଶାବାଦ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଆଲୋଚନାର ସମ୍ଭାବ୍ୟ ବୃରାବ୍ରିବତା ଏବଂ ଆମେରିକାର ଆଗ୍ରହ ସକାରାତ୍ମକ ସଙ୍କେତ । ଜେଲେନ୍ସକି କହିଛନ୍ତି, "ଆଲୋଚନାରେ କିଛି ଗତି ଆସିଥିବାରୁ ଏବଂ ଆମେରିକା ପକ୍ଷରୁ ଆଗ୍ରହ ଦେଖାଯାଉଥିବାରୁ କିଛି ଆଶା ଅଛି । ଏହା ସ୍ପଷ୍ଟ ଯେ ଆମେରିକା କୌଣସି କୂଟନୈତିକ ଆଲୋଚନାରୁ ପଛକୁ ହଟିବ ନାହିଁ ।

ସବ୍ ଡିଭିଜନ୍ ସ୍ତରରେ ୫୮ ଟି ଶୀତଳଭଣ୍ଡାର ନିର୍ମାଣ ଲକ୍ଷ୍ୟ

ଭୁବନେଶ୍ୱର,୩/୧୨(ନି/ପ୍): ଆଜି ବିଧାନସଭାରେ ଉଠିଛି ଶୀତଳ ଭଣ୍ଡାର କଥା । ରାଜ୍ୟରେ ଶୀତଳଭଣ୍ଡାର ନେଇ ଗୃହରେ ସରଗରମ ଆଲୋଚନା ହୋଇଛି । ମନ୍ତ୍ରୀଙ୍କ କହିବା ଅନୁସାରେ ବର୍ତ୍ତମାନ ରାଜ୍ୟରେ ୩୩ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଅଛି । ଯାହା ଭିତରୁ ୩୩ଟି ବେସରକାରୀ ଓ ୨ ଟି ସରକାରୀ ଶୀତଳ ଭଣ୍ଡାର ରହିଛି । ତେବେ ଏହାର କ୍ଷମତା ରହିଛି ୧ ଲକ୍ଷ ୭୨ ହଜାର ୧୮୦ ମେଟ୍ରିକ ଟନ୍ । ତେବେ ମନ୍ତ୍ରୀଙ୍କ ସୂଚନା ଅନୁସାରେ, ବିଗତ ୧୦ ବର୍ଷରେ ରାଜ୍ୟରେ ୨୬ଟି ଶୀତଳଭଣ୍ଡାର ନିର୍ମାଣ ହୋଇଛି । ଯାହା ଭିତରୁ ୩୩ଟି ବେସରକାରୀ ଓ ୨ ଟି ସରକାରୀ ଶୀତଳ ଭଣ୍ଡାର । ତେବେ ଏହାର କ୍ଷମତା ରହିଛି ୧ ଲକ୍ଷ ୭୨ ହଜାର ୧୮୦ ମେଟ୍ରିକ ଟନ୍ । ତେବେ ମନ୍ତ୍ରୀଙ୍କ ସୂଚନା ଅନୁସାରେ, ବିଗତ ୧୦ ବର୍ଷରେ ରାଜ୍ୟରେ ୨୬ଟି ଶୀତଳଭଣ୍ଡାର ନିର୍ମାଣ ହୋଇଛି । ଯାହା ଭିତରୁ ୨୨ଟି କାର୍ଯ୍ୟକ୍ଷମ ଅଛି ଆଉ ୪ଟି କାର୍ଯ୍ୟକ୍ଷମ ନାହିଁ । ରାଜ୍ୟରେ ମୋଟ ୧୩୩ଟି ଶୀତଳ ଭଣ୍ଡାର ରହିଥିବା ବେଳେ ସେଥିରୁ ୯୮ଟି କାର୍ଯ୍ୟକ୍ଷମ ନାହିଁ । ତା ଭିତରୁ ୨୦ଟି ସରକାରୀ ଓ ୮୮ ଟି ବେସରକାରୀ ଶୀତଳଭଣ୍ଡାର ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

ଶୀତଳଭଣ୍ଡାର ନେଇ ଗୃହ ଗରମ : ମନ୍ତ୍ରୀ କହିଲେ

ଶୀତଳଭଣ୍ଡାର ଥିଲେ ଆଳୁ ଝଡ଼ ହେଇନଥାନ୍ତା

୧୯ଟି ଦେଶର ପ୍ରବାସ ଆବେଦନ ସ୍ଥଗିତ ରଖିଲା ଆମେରିକା

ୱାଶିଂଟନ,୩/୧୨ : ଆମେରିକା ଜାତୀୟ ସୁରକ୍ଷା ଏବଂ ଜନସାଧାରଣଙ୍କ ସୁରକ୍ଷା ଉପରେ ଚିନ୍ତା ପ୍ରକାଶ କରି ୧୯ଟି ଅଣ-ୟୁରୋପୀୟ ଦେଶରୁ ପ୍ରବାସୀମାନଙ୍କ ଆବେଦନ ସ୍ଥଗିତ କରିଛନ୍ତି । ଯେଉଁଥିରେ ଗ୍ରୀନ କାର୍ଡ ଏବଂ ଆମେରିକୀୟ ନାଗରିକତା ପ୍ରକ୍ରିୟାକରଣ ଅନ୍ତର୍ଭୁକ୍ତ । ଗତ ଜୁନ୍ ମାସରେ ଏହି ୧୯ଟି ଅଣ-ୟୁରୋପୀୟ ଦେଶର ଆଂଶିକ ଯାତ୍ରାରେ ପ୍ରତିବନ୍ଧକରେ ପକାଇଥିଲା ଆମେରିକା । ଏହି ଦେଶଗୁଡ଼ିକ ମଧ୍ୟରେ ଆଫଗାନିସ୍ଥାନ ଏବଂ ସୋମାଲିଆ ଅନ୍ତର୍ଭୁକ୍ତ । ଏହି ନୂତନ ନୀତିକୁ ରୂପରେଖା ପ୍ରଦାନ କରୁଥିବା ସରକାରୀ ସ୍ମାରକପତ୍ରରେ , ଗତ ସପ୍ତାହରେ ୱାଶିଂଟନରେ ଆମେରିକୀୟ ନ୍ୟାସନାଲ ଗାର୍ଡ ସଦସ୍ୟଙ୍କ ଉପରେ ହୋଇଥିବା ଆକ୍ରମଣକୁ ଉଲ୍ଲେଖ କରାଯାଇଛି ଯେଉଁଥିରେ ଜଣେ ଆଫଗାନ ବ୍ୟକ୍ତିଙ୍କୁ ସନ୍ଦିଗ୍ଧ ଭାବରେ ଗିରଫ କରାଯାଇଛି । ଗୁଳିକାଣ୍ଡରେ ନ୍ୟାସନାଲ ଗାର୍ଡର ଜଣେ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ ।

ଭାରତ ଗସ୍ତରେ ଆସୁଛନ୍ତି ପୁଟିନ

ନୂଆଦିଲ୍ଲୀ,୩/୧୨ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗୁରୁବାର ଏବଂ ଶୁକ୍ରବାର (ଡିସେମ୍ବର ୪-୫, ୨୦୨୫) ଦୁଇ ଦିନିଆ ଗସ୍ତରେ ନୂଆଦିଲ୍ଲୀ ଆସୁଛନ୍ତି । ତଥାପି, ପୁଟିନଙ୍କ ଗସ୍ତ ପୂର୍ବରୁ, ରୁଷ ସଂସଦ (ଡୁମା) ଭାରତ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛି । ଏହି ପ୍ରତିରକ୍ଷା ଚୁକ୍ତିନାମା ଦୁଇ ଦେଶକୁ ନିଜର ଅଭ୍ୟାସ, ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ସହାୟତା ପାଇଁ ପରସ୍ପରର ଅଞ୍ଚଳରେ ସୈନ୍ୟ ଏବଂ ଉପକରଣ ମୁତୟନ କରିବାକୁ ଅନୁମତି ଦେବ । ରୁଷ ଏବଂ ଭାରତ ମଧ୍ୟରେ ଏହି ଚୁକ୍ତିନାମା, ଯାହାକୁ ରେସିପ୍ରୋକାଲ୍ ଏକ୍ସଚେଞ୍ଜ ଅଫ୍ ଲଜିଷ୍ଟିକ୍ସ ସପୋର୍ଟ (ଲଜଷ୍ଟକ୍ସ) କୁହାଯାଏ, ଚଳିତ ବର୍ଷ ଫେବୃଆରୀ ୧୮, ୨୦୨୫ ରେ ସ୍ୱାକ୍ଷରିତ ହୋଇଥିଲା ଏବଂ ଗତ ସପ୍ତାହରେ ରୁଷ ପ୍ରଧାନମନ୍ତ୍ରୀ ମିଖାଏଲ୍ ମିଶୁଷ୍ଟିନ୍ ଦ୍ୱାରା ରୁଷ ସଂସଦର ନିମ୍ନ ସଦନ ଡୁମାରେ ଉପସ୍ଥାପିତ ହୋଇଥିଲା ଏବଂ ବର୍ତ୍ତମାନ ଏହାକୁ ଅନୁମୋଦନ କରାଯାଇଛି । ଉଲ୍ଲେଖ ଥାଉ କି ଭାରତ ଏବଂ ରୁଷର ସେନା 'ଓଘଜଲ' (ଓଘଜଲ) ନାମକ ମିଳିତ ସାମରିକ ଅଭ୍ୟାସ କରନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରୁଷ ହେଉଛି ବିଶ୍ୱର ପ୍ରଥମ ଦେଶ ଯାହା ସହିତ ଭାରତୀୟ ସାମରିକ ବାହିନୀର ତିନୋଟି ଶାଖା, ସ୍ଥଳସେନା, ବାୟୁସେନା ଏବଂ ନୌସେନା ମିଳିତ ସାମରିକ ଅଭ୍ୟାସ କରନ୍ତି । ଏହି ଅଭ୍ୟାସକୁ ଓଘଜଲର ମଧ୍ୟ କୁହାଯାଏ । ଭାରତ ସହିତ ଜରଖଡ଼କ୍ସ ପ୍ରତିରକ୍ଷା ଚୁକ୍ତିନାମା ସମ୍ପର୍କରେ, ରୁଷିଆର କହିବା କଥା ଯେ 'ଭାରତ ସହିତ ଆମର ସମ୍ପର୍କ ରଣନୈତିକ ଏବଂ ବ୍ୟାପକ ଭାବରେ ବୃଦ୍ଧ, ଏବଂ ଆମେ ଏହାକୁ ବିଶେଷ ଗୁରୁତ୍ୱ ଦେଉଛୁ । ଆମେ ବିଶ୍ୱାସ କରୁଛୁ ଯେ ଆଜି ଏହି ଚୁକ୍ତିନାମାକୁ ଅନୁମୋଦନ ଦୁଇ ଦେଶ ମଧ୍ୟରେ ସହଯୋଗ ଏବଂ ଆମର ସମ୍ପର୍କର ବିକାଶ ଦିଗରେ ଆଉ ଏକ ପଦକ୍ଷେପ । ଭାରତ ଗସ୍ତ ପୂର୍ବରୁ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ତାଙ୍କର ଏକେଷ୍ଟା ସ୍ୱାକ୍ଷରିତ ହୋଇଛି । ପୁଟିନ କହିଛନ୍ତି ଯେ ସେ ୨୩ତମ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ ଏବଂ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

କେନ୍ଦୁଝର, ୩/୧୨ (ନି/ପ୍ର): କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଲ ଙ୍କିଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ବରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୬୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୨୭ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୪୨ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେକ୍ଷିତ ଥିଲା । ସେଥିମଧ୍ୟରୁ ୨୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ ଆବେଦନପତ୍ର ଗ୍ରହଣ କରାଯାଇଥିଲା । ଏହି ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଣାଳଙ୍କର, ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ବଜାଜ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ବିନୋଦ ବିହାରୀ ମିଶ୍ର, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ, ଆସନ୍ତା ୦୮.୧୨.୨୦୨୫ ସୋମବାର ଦିନ ପଂଚାୟତ ସମିତି କାର୍ଯ୍ୟାଳୟ, ଆନନ୍ଦପୁର, ୧୫.୧୨.୨୦୨୫ ସୋମବାର ପଂଚାୟତ ସମିତି କାର୍ଯ୍ୟାଳୟ, ଝୁମ୍ପୁରା, ୨୨.୧୨.୨୦୨୫ ସୋମବାର ପଂଚାୟତ ସମିତି କାର୍ଯ୍ୟାଳୟ, ବାଂଶପାଳ ଓ ୨୯.୧୨.୨୦୨୫ ସୋମବାର ପଂଚାୟତ ସମିତି କାର୍ଯ୍ୟାଳୟ, ଘଟଗାଁଠାରେ ଚଳିତ ମାସର ପରବର୍ତ୍ତୀ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

ତେଲକୋଇରେ ହାତୀ ଆକ୍ରମଣରେ ଚାଲିଗଲା ଯୁବକଙ୍କ ଜୀବନ, ୧ ଗୁରୁତର

ତେଲକୋଇ,୩/୧୨(ନି/ପ୍ର): କେନ୍ଦୁଝରଜିଲ୍ଲା ତେଲକୋଇରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ତେଲକୋଇ ଥାନା ସଲେଇକେନା ପଂଚାୟତ ଅନ୍ତର୍ଗତ ଗୁଗୁଡିହି ଗ୍ରାମର ଚନ୍ଦ୍ରଧର ମହାରଣା(୨୧) ଓ ଗୁରୁତର ଆହତ ଜଣକ ହେଲେ ବିଜୁ ମୁଣ୍ଡା (୨୧)। ଗତକାଲି ବିଳମ୍ବିତ ରାତିରେ ଧାନ ଫସଲ ସୁରକ୍ଷା ଦେବାକୁ ଯାଇ ହାତୀ ହାବୁଡରେ ପ୍ରାଣ ଗଲା । ଆଜି ସକାଳେ ବଜା ହାବୁଡରେ ପଡ଼ି ଘର ଅଗଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗତକାଲି ରାତି ପ୍ରାୟ ସାଢେ ୧୧ଟା ବେଳେ ୩୦ ଟିକିଆ ହାତୀ ପଲ ଗାଁର ବାସମୁଣ୍ଡା ଧାନ କ୍ଷେତରେ ପଶିଥିଲେ । ଅନ୍ୟମାନଙ୍କ ସହିତ ଚନ୍ଦ୍ରଧର ମଧ୍ୟ ହାତୀ ପଲକୁ ଘଉଡାଉଥିଲା ବେଳେ ଏକ ହାତୀ ତୁଣ୍ଡିଡ଼ି ଚନ୍ଦ୍ରଧରଙ୍କୁ ଶୁଣ୍ଡରେ ଧରି ଜତାଡି ମାରି ଦେଇଥିଲା । ବନ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରିଛି। ଡାକ୍ତର ଚନ୍ଦ୍ରଧରଙ୍କୁ ମୃତ ଘୋଷଣା କରିଛନ୍ତି । ଆଜି ସକାଳେ ପୁଣି ବଜା ଆକ୍ରମଣରେ ଜଣେ ଯୁବକ ଗୁରୁତର । ଗୁରୁତର ଅବସ୍ଥାରେ ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ସକାଳେ ଘର ଅଗଣାରେ ଥିବା ବେଳେ ଶୁଣ୍ଡରେ ଧରି ଜତାଡି ଦେଇଛି ବଜା । ଗୁରୁତର ଜଣକ ହେଲେ ତେଲକୋଇ ଥାନା ସଲେଇକେନା ପଂଚାୟତ ଅନ୍ତର୍ଗତ ସେହି ଗୁଗୁଡିହି ଗ୍ରାମର ବିଜୁ ମୁଣ୍ଡା(୨୧) । ତାଙ୍କୁ ତେଲକୋଇରେ ପ୍ରାଥମିକ ଚିକିତ୍ସା ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଅନ୍ୟ ପକ୍ଷରେ ଏବେ ୩୯ ରୁ ଊର୍ଦ୍ଧ୍ୱ ହାତୀ ସ୍ଥାନୀୟ ଅଂଚଳରେ ରହିଥିବା ବେଳେ ତେଲକୋଇ ରେଞ୍ଜରେ ୫୦ରୁ ଊର୍ଦ୍ଧ୍ୱ ହାତୀ ରହିଛନ୍ତି । ହାତୀ ଧାନ ଫସଲ ନଷ୍ଟ କରିବା ସହିତ ଘର ଭାଙ୍ଗି ଧନଜୀବନ ହାନି ଘଟାଉଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ବନ ବିଭାଗ ପକ୍ଷରୁ ହାତୀ ଗତିବିଧି ସମ୍ପର୍କରେ ଲୋକଙ୍କୁ ସୂଚନା ଦେବାକୁ ସଲେଇକେନା ସରପଂଚ ପାଙ୍ଗୋଲା ମୁଣ୍ଡା ଅନୁରୋଧ କରିଛନ୍ତି ।

ନବାଗତ ଶିକ୍ଷାର୍ଥୀଙ୍କ ପରିଚୟ ସମାରୋହ

କେନ୍ଦୁଝର, ୩/୧୨(ନି/ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟର ଆଇଡିପି ସଭାଗୃହ ଠାରେ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଧରଣୀଧର ବିଶ୍ୱବିଦ୍ୟାଳୟ ଶିକ୍ଷାକେନ୍ଦ୍ରରେ ଜୁଲାଇ ୨୦୨୫ ଶିକ୍ଷା ବର୍ଷ ପାଇଁ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖେଇଥିବା ଶିକ୍ଷାର୍ଥୀ ମାନଙ୍କର ଏକ ବିଷୟ ପରିଚୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହକୁ ଉଦ୍ଘାଟନ କରିଥିଲେ କୁଳବତିତ ମୁଣ୍ଡା ପ୍ରତିଭା ପୃଷ୍ଟି । ସେ ତାଙ୍କ ଅଭିଭାଷଣରେ କହିଥିଲେ, ଶିକ୍ଷାର୍ଥୀ ମାନେ କେବଳ ପ୍ରମାଣ ପତ୍ର ପାଇଁ ପାଠ ନ ପଢି ବ୍ୟକ୍ତିତ୍ୱ ନିର୍ମାଣ କରିବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଜୀବନ ଧାରାକୁ ଆପଣାଇବା ଦରକାର । ଶିକ୍ଷାକେନ୍ଦ୍ରର ସଂଯୋଜକ ଡ଼ଙ୍କର କୃଷ୍ଣ ଚନ୍ଦ୍ର ପ୍ରଧାନ ପାଠ୍ୟକ୍ରମ ଗୁଡ଼ିକର ବ୍ୟାପକ ସୂଚନା ପ୍ରଦାନ କରିବା ସହିତ ଶିକ୍ଷାର୍ଥୀ ମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଶିକ୍ଷାକେନ୍ଦ୍ର ସବୁ ସମୟରେ ପିଲା ମାନଙ୍କର ପାଠ ପଢାରେ ସହଯୋଗ କରିବ । ଏହା ସହିତ ନବାଗତ ବିଭିନ୍ନ ପିଲା ମାନଙ୍କର ବୈଠକରେ ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇଥିଲେ ସହକାରୀ ପ୍ରାଧାପକ ବିଜୟ କୁମାର ଦାସ । ସେ ପାଠ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସହ ସଂଯୋଜକ ଡ଼ଙ୍କର ସୁମନ୍ତ ନାୟକ । କାର୍ଯ୍ୟକ୍ରମ ସମ୍ପାଦନାରେ ସହଯୋଗ କରିଥିଲେ ଭୀମସେନ ବାଗ୍ଚ, ଭରତ କୁମାର ବାରିକ, ଅକ୍ଷୟ ବାରିକ, ଦେବୀପ୍ରସାଦ ଙ୍କି, ଜୈବର୍ତ୍ତ ଜେନା ଓ ନଟବର ନାୟକ । କାର୍ଯ୍ୟକ୍ରମରେ ଶତାଧିକ ଶିକ୍ଷାର୍ଥୀ ଯୋଗ ଦେଇଥିଲେ ।

ଡିଏମଏଫ ଖଣି ଶକ୍ତି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦୁଝରର ୨୧ ଯୁବକଙ୍କୁ ନିଯୁକ୍ତି

କେନ୍ଦୁଝର,୩/୧୨(ନି/ପ୍ର): ଆବଶ୍ୟକତା-ଭିତ୍ତିକ ଦକ୍ଷତା ବିକାଶ ପରକ୍ଷେପ ନିମନ୍ତେ ଡିଏମଏଫ କେଉଁଝର ପ୍ରସ୍ତାବିତ ଖଣି ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ଖଣି କୌଶଳ ବିକାଶ ତାଲିମ କେନ୍ଦ୍ରର ୨୧ ଜଣ ପ୍ରାର୍ଥୀ ବେଙ୍ଗାଲୁରୁରେ ଚାକିରି ପାଇଛନ୍ତି । ଜିଲ୍ଲାପାଳ ବିଶାଲ ଙ୍କି ନୂତନ ନିଯୁକ୍ତି ପ୍ରାପ୍ତ ଯୁବକମାନଙ୍କୁ ଆଜି ଏକ ବିଶେଷ ଉତ୍ସବରେ ସମ୍ବର୍ଦ୍ଧିତ କରିଛନ୍ତି । ସ୍ଥାନୀୟ ଯୁବକମାନଙ୍କ ପାଇଁ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରୟାସର ଏକ ଅଂଶ ସ୍ୱରୂପ, କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୧ ଜଣ ପ୍ରାର୍ଥୀ ଜିଏଲ କାଇନସିଲ୍ ପକ୍ଷ ମାଇନିଂ ସେକ୍ଟର ଦ୍ୱାରା କାର୍ଯ୍ୟକାରୀ ଏକ ଆବାସିକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ କରିବା ପରେ ବେଙ୍ଗାଲୁରୁର ଦୁଇଟି କମ୍ପାନୀରେ ଏହି ନିଯୁକ୍ତି ପାଇଛନ୍ତି। ପ୍ରଧାନ ପ୍ରମାଣପତ୍ର ବଣ୍ଟନ ହେଲି ଆର୍ଥ ମୁଭିଂ ମେସିନାରୀ ଉପରେ ପର୍ଯ୍ୟବେକ୍ଷିତ ୪୫୦ ଘଣ୍ଟାର ଆବାସିକ, ଶିଳ୍ପ-ମୁଖୀ ବୈଷୟିକ ତାଲିମ ସମାପ୍ତ ପରେ ୧୬ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଟିଭିଏସ ମୋଟର୍ସରେ ନିଯୁକ୍ତି ଦିଆଯାଇଛି ଓ ୫ ଜଣ ପ୍ରଶିକ୍ଷାର୍ଥୀଙ୍କୁ ସ୍ଥାଇଡର ଦ୍ୱାରା ନିଯୁକ୍ତି ମିଳିଛି । ଏହି ପ୍ରାର୍ଥୀମାନଙ୍କୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ କେନ୍ଦୁଝରର ମୁଖ୍ୟ ନିର୍ବାହୀ ଅଧିକାରୀ ଡଃ ଜିନା ବିଶ୍ୱାଳ ପ୍ରମାଣପତ୍ର ବଣ୍ଟନ କରିଥିଲେ । ମନୋନୀତ ପ୍ରାର୍ଥୀମାନେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରତିନିଧିତ୍ୱ କରୁଛନ୍ତି ଯେଉଁମାନେ ଜିଲ୍ଲା ମଧ୍ୟରେ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତି ଏବଂ ଲୌଗୋଳିକ ପ୍ରତିଟି ପ୍ରଦର୍ଶନ କରୁଛନ୍ତି। ସେମାନଙ୍କୁ ସମ୍ବର୍ଦ୍ଧିତ କରି ଜିଲ୍ଲାପାଳ କହିଛନ୍ତି ଯେ କିଛି ଦିନ ପରେ ତୁଆ ସ୍ଥାନରେ କାମ କରିବାକୁ ଭଲ ଲାଗିବ ତେଣୁ ସୁଯୋଗର ସଦୁପଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ ଖଣି କୌଶଳ ବିକାଶ ତାଲିମ କେନ୍ଦ୍ରର ସଂଯୋଜକ ରାହୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରକ୍ଷେପ ଖଣି-ନିର୍ଭର ସମ୍ପ୍ରଦାୟର ପ୍ରଥମ ପିଢ଼ିର ଶିଳ୍ପ ଶ୍ରମିକମାନଙ୍କୁ ପ୍ରମୁଖ ଜାତୀୟ ସଂଗଠନଗୁଡ଼ିକରେ ସ୍ଥାୟୀ ନିଯୁକ୍ତି ପାଇବାରେ ସକ୍ଷମ କରିଛି। ପ୍ରଶିକ୍ଷାର୍ଥୀଙ୍କ ପିତାମାତାଙ୍କ ସହିତ ଆଲୋଚନା ସମୟରେ, ଅଧିକାରୀମାନେ ଜଣାଇଥିଲେ ଯେ ଏହି କାର୍ଯ୍ୟକ୍ରମ ଡିଏମଏଫ କେଉଁଝରର ନିଯୁକ୍ତି-ସଂଯୋଜିତ ଦକ୍ଷତା ବିକାଶ ମାଧ୍ୟମରେ ଦୀର୍ଘକାଳୀନ ସାମାଜିକ-ଆର୍ଥିକ ବିକାଶ ସୁନିଶ୍ଚିତ କରିବାର ଆବେଶ ସହିତ ସମନ୍ୱିତ। ଆଗାମୀ ସମୟରେ ଅଧିକରୁ ଅଧିକ ଯୁବତୀଡ଼ିଙ୍କୁ ଏପରି ତାଲିମରେ ସାମିଲ କରାଯିବ।

ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିରରେ ସପ୍ତଶକ୍ତିସଂଗମ କାର୍ଯ୍ୟକ୍ରମ

ଚମ୍ପୁଆ,୩/୧୨(ନି/ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଅବସରରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମାଆମାନଙ୍କୁ ନେଇ ସପ୍ତ ଶକ୍ତି ସଂଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଚମ୍ପୁଆର ସୁଗୃହିଣୀ ସୁଜାତା କବି ଯୋଗ ଦେଇଥିଲେ । ସଦ୍ଭାବୀତ ଅତିଥି ଭାବେ ସୁଗୃହିଣୀ ଉତ୍କଳିକା ବାସ ଯୋଗ ଦେଇ ଜୁଡ଼ୁମ୍ବ ପ୍ରତୋଧନରେ ମହିଳାଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଆଇନଜୀବୀ ସିଲିକସିଡା ମହାନ୍ତ ଯୋଗ ଦେଇ ପର୍ଯ୍ୟାବରଣର ସୁରକ୍ଷା ସମ୍ପର୍କରେ ଅବଗତ କରିଥିଲେ । ଏ ଅବସରରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଚାର୍ଯ୍ୟା ଲକ୍ଷ୍ମୀ ଜୁମାରୀ ପ୍ରଧାନ ସଭାପତିତ୍ୱ କରିଥିଲେ । ଆଚାର୍ଯ୍ୟା ସରଳା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟା ପ୍ରିୟଦର୍ଶିନୀ ଗିରି ଆଲିମୁଖ୍ୟ ଜ୍ଞାପନ କରିଥିଲେ । ଆଚାର୍ଯ୍ୟା ଝରଣା ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୪୨ ଜଣ ଆଭିଭାବିକା ଯୋଗ ଦେଇଥିଲେ । ସମସ୍ତ ଆଚାର୍ଯ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ନୂଆପଡ଼ାରେ ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ

ନୂଆପଡ଼ା,୩/୧୨(ନି/ପ୍ର): ଚଳିତ ଖରିଫ ବିପଣନ ନୂଆପଡା ଜିଲ୍ଲାରେ ୨୦୨୫-୨୨ ରବି ପାଇଁ କପା କ୍ରୟ ନିମନ୍ତେ ଏକ ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ ଆଜି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି, ବିଧାୟକଙ୍କ ପ୍ରତିନିଧି, ଉପ-ଜିଲ୍ଲାପାଳ ଗୁର୍ମି ଗୋରେନ,

ଭଣ୍ଡାରିଡିହା ଗ୍ରାମ ପଂଚାୟତରେ ପୁଲିସ ଆମର ବନ୍ଧୁ କାର୍ଯ୍ୟକ୍ରମ

ଘଟଗାଁ, ୩/୧୨: କେନ୍ଦୁଝର ଜିଲ୍ଲା ଘସିପୁରାଥାନା ଅନ୍ତର୍ଗତ ଭଣ୍ଡରିଡ଼ିହା ଗ୍ରାମପଂଚାୟତ ରେ ଆମ ପୁଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଘସିପୁରା ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ, ଙ୍କ ସଂଯୋଜନା ରେ ଆୟୋଜିତ ବୈଠକ ରେ ସ୍ଥାନୀୟ ସରପଂଚ କୃଷ୍ଣଚନ୍ଦ୍ର ରାଉତ,ସମୁକାନେଣ୍ଡି ସଭ୍ୟପଅକ୍ଷୟ କୁମାର ଜେନା, ପ୍ରଣବ ପୁହାଣ, ରୂପ ମହାରଣା, ଲିଫ୍ଟନ ସାଙ୍କ ସମେତ ସମସ୍ତ ଖୁର୍ଦ୍ଦର ସଭ୍ୟ ସଭ୍ୟା, ସ୍ଥାନୀୟ ବାସିନ୍ଦା ଆଦି ଆଲୋଚନା ରେ ଭାଗ ନେଇଥିଲେ ।ବିଶେଷ କରି ମହିଳା ସୁରକ୍ଷା ବିଷୟରେ ଏବଂ ସାଇବର ଠକାମୀ ଠାରୁ ଜିଲ୍ଲା ଲୋକମାନେ ରକ୍ଷା ପାଇପାରିବେ, ସେଥିପାଇଁ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ ଘସିପୁରା ଥାନା ଅଧିକାରୀ ।

ଛତୁ ଚାଷ ଉପରେ ସ୍ୱୟଂ ସହାୟକ ଗୋଷ୍ଠିର ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ

ଜୟପୁର, ୩/୧୨(ନି/ପ୍ର): ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁର ଦ୍ୱାରା ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ ଅଧୀନରେ ଛତୁ ଚାଷ ଉପରେ ସ୍ୱୟଂ ସହାୟକ ଗୋଷ୍ଠିର ଦକ୍ଷତା ବୃଦ୍ଧି ନିମନ୍ତେ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟ କ୍ରମରେ ଦେପାରୀଗୁଡା ବ୍ଲକ ର ବିଭିନ୍ନ ଗ୍ରାମରୁ ୬୦ ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟାମାନେ ଯୋଗଦାନ ଦେଇ ଏଣି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରୁ ସାଫଲ୍ୟ ମଣ୍ଡିତ କରାଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁର ର କର୍ମୀ ଶ୍ରୀ ଟ୍ରିପତି ଖୁଣ୍ଟା ଅଂଶଗ୍ରହଣକାରୀ ମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ ଏବଂ ଉଦ୍ଦେଶ୍ୟ ବିଷୟରେ କହିଥିଲେ । ଡ଼ିରୋଚନ ପାଡ଼ା, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ଦେପାରୀଗୁଡା ପ୍ରଶିକ୍ଷକ ଭାବରେ ଯୋଗ ଦେଇ ଛତୁ ଚାଷ ଉପରେ ଅଂଶଗ୍ରହଣକାରୀ ମହିଳା ମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ । ସେ ତାଙ୍କର ବାଣୀରେ ବହୁତ କମ ଦିନ ଭିତରେ କିପରି ଛତୁ ଚାଷ କରି ମହିଳା ମାନେ ସଶକ୍ତିକରଣ ଏବଂ ସ୍ୱାବଲମ୍ବୀ ହୋଇପାରିବେ ତାଇପରେ ବୁଝାଇଥିଲେ । ତତ ସହିତ ଛତୁ ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଉପରେ ମଧ୍ୟ ଧାରଣା ଦେଇଥିଲେ । ଏହାପରେ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁର ର କର୍ମୀ ଶ୍ରୀ ମାଳ୍କ ଅଥର ଗିଲ ଓ ଶ୍ରୀ ଆର. ଜିଲା ଏକ ପ୍ରଦର୍ଶନ ମାଧ୍ୟମରେ ଛତୁ ଚାଷ କରିବା ନିମନ୍ତେ ଏହାର ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତି କରଣ ଠାରୁ ଆରମ୍ଭ କରି ବିହନ ପଲାଇବା ଏବଂ ଏହାର ରକ୍ଷଣା ବେକ୍ଷଣା ଉପରେ ବୁଝାଇଥିଲେ । ସର୍ବଶେଷରେ ପ୍ରତିଷ୍ଠାନର କର୍ମୀ ଶ୍ରୀ ପାଣ୍ଡି ଚାକ୍ରି ଅଂଶଗ୍ରହଣକାରୀ ମାନଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ ।

ପଦ୍ମ ଧରିଲେ ତାଳଚେର ପୌରାଧ୍ୟକ୍ଷଙ୍କ ସମେତ ୧୩ କାଉନସିଲର

ତାଳଚେର,୩/୧୨(ନି/ପ୍ର): ତାଳଚେରରେ ବିଜେପିର ଅପରେସନ ଲୋଟସ । ଶୁକ୍ରବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ପଦ୍ମ ଧରିଛନ୍ତି ତାଳଚେର ପୌର ପରିଷଦ ଅଧକ୍ଷ ପବିତ୍ର ଭୂତିଆ । ପୌର ପରିଷଦ ଅଧକ୍ଷଙ୍କ ସମେତ ୧୩ କାଉନସିଲର ମଧ୍ୟ ବିଜେପିରେ ସାମିଲ ହୋଇଛନ୍ତି । ଗତକାଲି ବିଜେଡିରୁ ପବିତ୍ରଙ୍କ ସମେତ ୧୩ କାଉନସିଲର ଇସ୍ତଫା ଦେଇଥିଲେ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଢେଙ୍କାନାଳ ବିଜେପି ସାଂସଦ କୁଦ୍ର ପାଣିଙ୍କ ସମେତ ବିଜେପି ନେତା ଅଶୋକ ମହାନ୍ତି, ଅମଲି ବେହେରା, ପ୍ରତାପ ପ୍ରଧାନ, ବିଜେପି ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ତାଳଚେର ଇଞ୍ଜିନ ସରକାର ବିକାଶ ମଡେଲକୁ ଆଧାର କରି ସମସ୍ତେ ଏବେ ବିଜେପି ପୁଅଁ । ତାଳଚେରରେ ବିଜେପି ସଙ୍ଗଠନ ଆହୁରି ମଜଭୁତ ହୋଇଛି ।

ଅରେଞ୍ଜ ଦି ୱାର୍ଲ୍ଡ

କେନ୍ଦୁଝର,୩/୧୨(ନି/ପ୍ର):-କେନ୍ଦୁଝର ଇନରହୁଇଲ କ୍ଲବ ୩୨୬ ପକ୍ଷରୁ ଆଜି କେନ୍ଦୁଝର ସଦରମହକୁମା ରେ ଅରେଞ୍ଜ ଦି ୱାର୍ଲ୍ଡ ଷ୍ଟପ ଭାଓଲେନ୍ସ ଏଗେନଷ୍ଟ ଓମେନ ଏଣ୍ଡ ଗାର୍ଲ୍ଡ଼ଚାଇଲଡ କାର୍ଯ୍ୟକ୍ରମ ସଭାନେତ୍ରୀ ସୋନାଲି ଙ୍କି ଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଛି, କେନ୍ଦୁଝରସ୍ଥ ଶକ୍ତିସଦନ ନିକଟସ୍ଥ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ଓପନ ସେଲଟର ରେ ଶେଷ ହୋଇଥିଲା , ଏହି ଶୋଭାଯାତ୍ରା ରୁ କେନ୍ଦୁଝର ପୌରା

ବିବିଧା

ପ୍ରକୃତି ପ୍ରେମରେ କର୍ଲାଯୋରୀ ଓ ଅନ୍ତପାଲିବାସୀ

ବିଦେଶୀ ପକ୍ଷୀଙ୍କ କଳରବ

ପକ୍ଷୀ ଗବେଷକ, ପକ୍ଷୀ ବିଶାରଦ, ପରିବେଶବିତ୍‌ଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଇଟେଲି ବ୍ଲକ୍ ଅନ୍ତର୍ଗତ କର୍ଲାଯୋରୀ ଓ ଅନ୍ତପାଲି ଗାଁ । ବାରପାହାଡ଼ର ପାଦଦେଶରେ ଅବସ୍ଥିତ ଗ୍ରାମ ଦ୍ୱୟ ଜେଇଁ ଆନନ୍ଦମାନ ଜାଳରୁ ନିଜ କୋଳରେ ଅନେକ ବୃକ୍ଷଲତାକୁ ସ୍ଥାନ ଦେବା ସହ ବିଦେଶୀ ପକ୍ଷୀମାନଙ୍କ ପାଇଁ ଆବାସସ୍ଥଳୀ ପାଲଟିଛି । ଭାରତୀୟ ଉପମହାଦେଶ ତଥା ଦକ୍ଷିଣ ପୂର୍ବ ଏସିୟ ରାଷ୍ଟ୍ରଗୁଡିକରୁ ଆସି ଅକ୍ଷୟ ତୃତୀୟା ଦିନଠାରୁ କାର୍ତ୍ତିକ ମାସ ପର୍ଯ୍ୟନ୍ତ ଆସ୍ଥାନ କମାଇଥିବା ବିଭିନ୍ନ ପ୍ରଜାତିର ପକ୍ଷୀ ପ୍ରାୟତଃ ଅକ୍ଷୟ ତୃତୀୟା ଦେଇକୁ କେତେକ ମୁଖିଆ ପରିବ୍ରାଜକ ପକ୍ଷୀ ଗ୍ରାମର ପାରିପାର୍ଶ୍ୱିକ ଜାତାବରଣକୁ ଅନୁଧ୍ୟାନ କରିବା ପରେ ଠିକ୍ ମୌସୁମୀର ଆଗମନ ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ଅଗଣିତ ପକ୍ଷୀ ଆସି ଶୀତ ମାସ ଆରମ୍ଭ ହେବା ଯାଏ ରୁହନ୍ତି ।

ଜୈବବିବିଧତା ସହିତ ଉପଯୁକ୍ତ ବତାବରଣ ତଥା ଆବଶ୍ୟକ ମାତ୍ରାରେ ପ୍ରାକୃତିକ ଖାଦ୍ୟ ମିଳୁଥିବା ଯୋଗୁଁ ପକ୍ଷୀ ଗମନାଳ ନିଜ ପାଇଁ ଅନୁକୂଳ ପରିବେଶ ମନେ କରି ପ୍ରତ୍ୟେକ ବର୍ଷ କର୍ଲାଯୋରୀ ଓ ଅନ୍ତପାଲି ଗାଁକୁ ଆଗମନ କରିଥାନ୍ତି । ବିଜ୍ଞ ଫିସର, ହେଡ୍ ଗେଡେକ ମୁନିଆ, ଏସିଆନ ପାରାଡାଇଜ୍ ଫ୍ଲାଇକେଚର, ଏସିଆନ ଓପନ ବିଲ ଷ୍ଟୋର୍କ, ନାଇଟ୍ ହେରନ୍, ହେଡ୍ ହେଡେକ ଆଇବିସ୍, ଲିଟ୍ଲି, କମନ୍‌ମିନାଲ, ବୁଲବୁଲ, ଓଟସା କକ୍, ହୁଡେଡ ବ୍ରେଷ୍ଟେଡ ୱାଟର ହେନ୍ ଆଦି ଅନେକ ପ୍ରଜାତିର

ପକ୍ଷୀ ବେଶାସାଇଥିଲେ ଏହି ଜେଳକ ଜେଳନକ ନିର୍ଦ୍ଦିଷ୍ଟ ଯଥା ଷ୍ଟୋର୍କ, ହେରନ୍, କର୍ମୋରେଣ୍ଟ, ଇଗ୍ରିଟ, ଆଇବିସ୍ ଆଦି ସାରସ ପ୍ରଜାତିର ପକ୍ଷୀ ମାତ୍ର ଠିଆଣି ରାତି ଆସ୍ଥାନ ଜମାଇଥାନ୍ତି । ସାଧାରଣତଃ ଗଛ କୋରଡକୁ ପସନ୍ଦ ନ କରି ଅଣ୍ଡା ଦେବା ପାଇଁ ନିଜ ସନ୍ତୁଳ ମୂଳା ଗଛକୁ ବାଛନ୍ତି । ବସା ନିର୍ମାଣ ପାଇଁ ଡେଡୁକି, ଶିରିଷ, ଶିଶୁ, ନିମ୍ବ ଆଦି ଗଛରୁ ଡାଳ ସଂଗ୍ରହ କରୁଥିବା ବେଳେ ଦରକାରୀ ଆଦି ବଣ୍ଟା ଜାତୀୟ ଗଛରୁ ଡାଳକୁ ବ୍ୟବହାର କରି ବସା ନାରିମେଟ ରୁକ୍ଷଣ ବଳୟ ସୃଷ୍ଟି କରିଥାନ୍ତି । ନିଜ ଚୁଞ୍ଚୁ ଅଣ୍ଡା ହାଲା ଗଛ ଡାଳକୁ କାଟି ବସା ନିର୍ମାଣ କରିବାର ଶୈଳୀ ସମସ୍ତଙ୍କୁ ଆକର୍ଷିତ କରିଥାଏ । ପକ୍ଷୀଙ୍କ କାକଳିରେ ମୁଖରିତ ହୁଏ ବନ୍ଧୁପ୍ରୋଷର୍ ବର୍ଷାର ସମୟରେ ଚୌସର୍ଯ୍ୟିକ ସୌନ୍ଦର୍ଯ୍ୟ ଅନୁଭୂତି ମିଳିଥାଏ । ଖାଦ୍ୟ ସଂଗ୍ରହ ସମୟରେ ଏମାନେ, କୃଷିକ୍ଷେତ୍ର, ଆର୍ଦ୍ରଭୂମି ବିକରରେ ଗଡ଼ି ବୁଲନ୍ତି । ପୋକ୍ଷା, ଶାମୁକା ଓଡି

ସରୋଜକୁମାର ଓଡ଼ିଶା

ଦଦବା ପ୍ରାଣୀ, ଝିଣ୍ଟିକା, ଝିଙ୍ଗାଣି, ବୁଢିଆଣି, ମାଛ, ବିଛୁଟି ଆଦି ଜୀବ, କିଟା, ବେଙ୍ଗ ଆଦିକୁ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ପ୍ରାୟ ଚାରି ଛଅ ମାସ ଯାଏ ପରିବ୍ରାଜକ ପକ୍ଷୀମାନଙ୍କର ଯେଉଁଠି ଚୌଖଣ୍ଡି ଖଣ୍ଡି ନ ହୁଏ ସେ ସେଇ ସମସ୍ତ ଗ୍ରାମବାସୀ ସର୍ବଦା ମାରିଖଣ୍ଡ କରନ୍ତି । ଗ୍ରାମବାସୀଙ୍କ ମୁକୁଳିମେମ୍ବର ଓ ମଙ୍ଗଳ ମୁଡି ସଜାଇକୁଳ ମନୋଭାବକୁ ଲକ୍ଷ୍ୟ କରି ଗ୍ରାମରେ ଗଠନ କରାଯାଇଥିବା ଇଡିସି । ଓଡ଼ିଶା ସରକାରଙ୍କ ବନ ବିଭାଗର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସନ୍ତୋଷ କୁମାର ପଣ୍ଡା ସ୍ଥାନୀୟ ଲୋକଙ୍କ ସହ ଭରମ ଜନ ସମ୍ପର୍କ ସ୍ଥାପନ କରି ରହିଥିବାରୁ ବିଶେଷ ଆବଶ୍ୟକତାକୁ ସହ ପକ୍ଷୀଙ୍କ ଗତିବିଧି ଅନୁଧ୍ୟାନ କରିବା ପାଇଁ

ଦାଲନାବୁଲାର ପ୍ରଧାନ କରିଥିଲେ । ଜଦିଓଁ ତାରେ ଅନେକ କିଛି ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । କିନ୍ତୁ ତାଙ୍କ ମନୋଭାବ ବଦଳା ପରେ ବନ ବିଭାଗ ଉପପ୍ରକଳ୍ପ ନିଆଯାଇଥିବା କିଛି ଆଖିଦୃଶିଆ ପଦଖେପ ପରିବେଶ ତଥା ଜନଜୀବନର ପରିବର୍ତ୍ତନ ସହ

ଖାପ ଖୁଆଇ ନ ପାରି ହେଡ ହେଡେଡ୍ ଆଇବିସ୍ ପରି ପକ୍ଷୀ ପ୍ରଜାତିଙ୍କ ସଂଖ୍ୟା କମିବାରେ ଲାଗିଛି । ଏହାକୁ ଆଣ୍ଟିରେ ରଖି ଜୈବ ଉନ୍ନୟନ କମିଟିର ଅଧ୍ୟକ୍ଷ ତଥା ପରିବେଶବିତ୍ ସଂଜୟ ଖମାରୀଙ୍କ ନେତୃତ୍ୱରେ ଗ୍ରାମର ପରିବେଶପ୍ରେମୀ ଗଣେଶ ମହାନ୍ତି, ସୁରେନ୍ଦ୍ର ପୋଡ଼, ମନମୋହନ ନାୟକ, ଲଛମନ ସାହୁ, ପ୍ରତାପ ପ୍ରଧାନ, ଜଲୁଣା ପ୍ରଧାନ ପ୍ରମୁଖ ଗ୍ରାମବାସୀ ବର୍ତ୍ତମାନ ବିଭିନ୍ନ ସମୟରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରି ଜୈବ ବିବିଧତାର ସଂରକ୍ଷଣ ଦିଗରେ କାର୍ଯ୍ୟ କରିଆସିଛନ୍ତି ।

ନୟାଗଡ଼ ଜିଲ୍ଲା ଘଞ୍ଚ ଜଙ୍ଗଲ ଓ ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ । ମହାନଦୀ ଅବବାହିକାରେ ଅବସ୍ଥିତ ଜିଲ୍ଲାରେ ରହିଛି ଅନେକ ପାହାଡ଼ ଓ ପର୍ବତ । ସବୁଜ ଘଞ୍ଚ ଜଙ୍ଗଲ ଅନେକ ଆଦିବାସୀଙ୍କୁ ଜୀବନ ଓ ଜୀବିକା ଯୋଗାଉଛି । ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଅନେକ ପରିବାର ଚୂଲି ଜଳୁଥିବା ବେଳେ ସହର ସଭ୍ୟତାରେ ବସବାସ କରୁଥିବା ଲୋକଙ୍କୁ ପାଇଁ ଏହି ପାରମ୍ପରିକ ଖାଦ୍ୟ ସାମଗ୍ରୀ ଏବେ ସଭ୍ୟତାରେ ପରିଣତ ହେଉଛି । ଜଙ୍ଗଲରୁ ସଂଗ୍ରହ ହେଉଥିବା ଖାଦ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟିବା ସହ ଆଦିବାସୀମାନେ ସ୍ୱାସ୍ଥ୍ୟହୀନ ହେଉଛନ୍ତି ।

ନୟାଗଡ଼ ଜିଲ୍ଲା ଆୟତନ ବୃଦ୍ଧିରୁ ଏକ ଛୋଟ ଜିଲ୍ଲା ହୋଇଥିବା ବେଳେ ତିନୋଟି ବନଖଣ୍ଡ କାର୍ଯ୍ୟ କରୁଛି । ଖୋର୍ଦ୍ଧା ବନଖଣ୍ଡର କିଛି ଅଂଶ ନୟାଗଡ଼ ଜିଲ୍ଲାରେ ରହିଥିବା ବେଳେ ନୟାଗଡ଼ ବନଖଣ୍ଡ ଏବଂ ମହାନଦୀ ବନ୍ୟଜନ୍ତୁ ବନଖଣ୍ଡର ତିନି ଚତୁର୍ଥାଂଶ ନୟାଗଡ଼ ଜିଲ୍ଲାରେ ରହିଛି । ଏହି ଜଙ୍ଗଲ ସମ୍ପତ୍ତିକୁ ସଂଗ୍ରହ ହେଉଥିବା ମହୁଲ, କାର୍ଲିଶପାତ୍ର ଆଦିରୁ କରି ଅନେକ ଜିନିଷ ଆଦିବାସୀଙ୍କୁ ଦେଖି ରୋଜଗାରକ୍ଷମ କରୁଥିବା ବେଳେ ଠିକ ଏବେ ସେମାନଙ୍କର ଜଳ ଅଂଶ ପାଇଛି । 'ଠିକଦାର' ଜିଲ୍ଲା ଭିତରେ ଭିନ୍ନ ଭିନ୍ନ ଗାଁରେ ରୋଜଗାର କରାଯାଉଛି । ପାଣିଆକୁ, ପିଛୁଳି ଜଳି ଅନେକ ନାଁରେ ପରିଚିତ 'ଠିକ' ସଂଗ୍ରହ କରିବା ଏକ କଷ୍ଟକର କାର୍ଯ୍ୟ ହୋଇ ଦିନାଦାଣି ଗ୍ରାମର ଜଙ୍ଗଲ ବାଣ୍ଟି ରହିଛନ୍ତି । ମାଟି ତଳୁ ଏହାକୁ ଖୋଳି ବାହାର କରିବା ପରେ ଶୁଖାଇ ପାଣିରେ ସଫା କରାଯାଏ । ତାହାକୁ ପୂର୍ବରୁ ଚକାକାକୁ ଦେବାକୁ ପଡୁଥିବା ବେଳେ ଏବେ ବ୍ୟବସାୟୀମାନେ ଠିକ ପାଇଁ ଅଗ୍ରିମ ଅର୍ଥ ଦେଇ ଯାଉଛନ୍ତି । ବର୍ତ୍ତମାନ ଚାହିଦା ବଢ଼ିବା ଯୋଗୁଁ ଠିକ ମୂଲ୍ୟ ବୃଦ୍ଧି ହେବା ପାଇଁ ଅପେକ୍ଷା କରି ରହିଛନ୍ତି । ଠିକ ଚାଷ ଏବେ ଦୋଳି ମଧ୍ୟ ପ୍ରକାଶ ପାଇଛି ।

ଅମଳ କୁମାର ପଣ୍ଡା

ଗମଗଡ଼, ମହାପୁର, ଦଶପଲ୍ଲା, ଗଣିଆ, ଖଣ୍ଡମହା, କାଣିଗୋଲ୍ଲା ପୂର୍ବ, କାଣିଗୋଲ୍ଲା ପଶ୍ଚିମ ଦରଞ୍ଚରେ ରହିଥିବା ଘଞ୍ଚ ଜଙ୍ଗଲରେ 'ଠିକ' ଆସେ ଥାଏ ବହେ । ଏହାକୁ ବର୍ଷା ଆଇକୁ ଜାଳିକମାନ ଶେଷ ପର୍ଯ୍ୟନ୍ତ ସଂଗ୍ରହ କରାଯାଇ ବିକ୍ରି କରାଯାଉଛି । ଆଜୁ ଖାଦ୍ୟଦାତାକୁ 'ଠିକ' ଖାଇବା ଶବ୍ଦରେ ଭୁଲରେ ଭଳ ବୋଲି ଅନେକ ମନ ହେଉଥାନ୍ତି । ବିରା ଗାର ଓ ବିରା ଜାତକାଣ୍ଡରେ ଏମାନେ ଭାଗ୍ୟଦାନ ହୋଇଥିବାରୁ ବଜାର ଚାହିଦା ଅଧିକ ରହିଛି । ଠିକକୁ ଭଜା, ବେସର ଜଳାଇବା ସହ ଏବେ ବିଭିନ୍ନ ରେଷ୍ଟୁରାଣ୍ଟରେ ବିକ୍ରି 'ଠିକ' ଭାବେ ପ୍ରସ୍ତୁତ କରାଯାଉଛି ।ବୃଦ୍ଧି ଓ ଉପଯୋଗ କୃଷିବିଜ୍ଞାନ ଠିକକୁ ବୃଦ୍ଧି କରିବା ପାଇଁ ପରେଷଣ କରିବା ପାଇଁ ଆଗ୍ରହୀ ହୋଇଛନ୍ତି । ଆବଶ୍ୟକ ଭୋଗ ପ୍ରକାଶ ପାଇଛି ।

ପୁରୁଷଙ୍କ ପର୍ବ 'ଓଷାକୋଠି'

ଜଳିଙ୍ଗର ସମୃଦ୍ଧ ଲୋକ ପରମ୍ପରା, ବୌଦ୍ଧ ଧର୍ମର ପରବର୍ତ୍ତୀ ଲୁପ୍ତ, ଦେବୀ ପୂଜନର ଅନନ୍ୟ ଉପାସନା ହେଉଛି ଓଷାକୋଠି ବା ଜୋଠିଶାଳ ଯାତ୍ରା । ଓଡ଼ିଶାରେ ପ୍ରଚଳିତ ଅନେକ ପରମ୍ପରା, ଓଷା ଆଦି କେବଳ ମହିଳାଙ୍କ ଲାଗି ପ୍ରାଧାନ୍ୟ ବୋଲି ଜଣାଯାଏ । କିନ୍ତୁ ଏଭଳି କିଛି ପରମ୍ପରା ଅଛି, ଯେଉଁଥିରେ ମହିଳାମାନେ କେବଳ ବର୍ଷକ ହୋଇଥାନ୍ତି । ଏଠାରେ ପୁରୁଷ ମାନଙ୍କର ଭୂମିକା ବେଶ ଅଧିକ ରହିଥାଏ । ଏମାନେ ହିଁ ଉପାସକ ଓ ଉପସନାର ସାଧକ । ଏହିଭଳି କିଛି ସ୍ୱତନ୍ତ୍ର ପରମ୍ପରାର ଛାପ ଗଞ୍ଜାମରେ ଏଯାବତ ଦୃଶ୍ୟମାନ ।

ଗଞ୍ଜାମ ଜିଲ୍ଲାର ୬୦ରାର ଗ୍ରାମରେ ଓଷାକୋଠି ବା ଜୋଠିଶାଳ ଯାତ୍ରା ଅନ୍ୟତମ । ବଜାଳ ଜଳି ଏହା ମଧ୍ୟ ପୁରୁଷ ଜେଠିଙ୍କ ପୂଜା ଲାଗେ ଗ୍ରାମଞ୍ଚଳରେ ପରିଚିତ । ଲୋକ ସଂସ୍କୃତି ଓ ଲୋକ ପରମ୍ପରା ମଧ୍ୟରେ ଅନ୍ୟତମ । ଘଟଯାତ୍ରା ଉପାସନା ଭେଦରେ ଓଷାକୋଠି ବା ଜୋଠିଶାଳ ଯାତ୍ରା । ଆଶ୍ୱିନ ମାସ ଅମାବସ୍ୟା ପରେ ପରେ ଏହା ଆରମ୍ଭ ହୁଏ । ଆଶ୍ୱିନ ମାସ ପୂର୍ଣ୍ଣିମା ଓ ପରବର୍ତ୍ତୀ ସମୟରେ ଏହାର ପୂର୍ଣ୍ଣାହୁତି କରାଯାଏ । ଯାହାକୁ ଦେବତା କର୍ମ ସମ୍ପନ୍ନ ବୋଲି ମଧ୍ୟ କୁହାଯାଏ । ଜୋଠିଶାଳ ଯାତ୍ରାରେ ପ୍ରୁଷ୍ଣଙ୍କ ମା' ଜାଳୀଙ୍କ ବିଭିନ୍ନ ରୂପକୁ ପୂଜା କରାଯାଏ । ଯାହାକୁ ଆରାଧ୍ୟ ଦେବୀ ମା' ମଙ୍ଗଳା ଓ ଗ୍ରାମ ଠାକୁରାଣୀ ଭାବେ ବିବେଚନା ହେଉଛି । ସମ୍ପ୍ରତିସମ୍ପ୍ରତି ଜୋଠିଶାଳ ଯାତ୍ରାର ମା' ଦଣ୍ଡିଥିବାର ଢେଁ ପରମ୍ପରା ଓ ସଭ୍ୟତା ପ୍ରାୟ ଏଭଳିକି ମୂଳ ଲକ୍ଷ୍ୟ କରାଯାଉଛି । କଳ୍ପନାତ ଓ ଜୋଠିଶାଳ ଯାତ୍ରାର ପରମ୍ପରା ପ୍ରଶାଖାଗୁଡ଼ି ଏକାଭଳି । ମା' ଜ ରୂପ ଏବଂ ବିଭୁ ପୂଜାପଦ୍ଧତି ଓ ଉପାସନାର ପଦ୍ଧତି ଭିନ୍ନ । ପଞ୍ଚଦିନ୍ତ ପରମ୍ପରାରେ ପରଲା ମଧ୍ୟ ଭିନ୍ନ ବୋଲି ଜଣାଯାଏ । ଜୋଠିଶାଳ ଯାତ୍ରାକୁ କୃଷି ପରମ୍ପରା ବୋଲି ମଧ୍ୟ କିଛି ଉଦ୍ଦେଶ୍ୟରେ ଅଭିହିତ କରିଛନ୍ତି । ଜାତୀୟ ଏଠାରେ ପ୍ରଚାରାମାନ ପୂଜା ସ୍ୱତନ୍ତ୍ର ମାନ୍ୟତା ପାଇଛି । ସମ୍ପ୍ରତ ସ୍ଥାନର ଶ୍ରେଷ୍ଠ ପତି ଗଜା ହୋଇଥାଏ । ଯାହାକୁ ପଞ୍ଚଦେବୀ ଛୁଇଁ । ଗଣ୍ଡ ଜାର୍ଯ୍ୟ ଆରମ୍ଭ ପୂର୍ବରୁ ଜ୍ରହ ଜ୍ରହ ଖଣ୍ଡରେ ବଣ୍ଡାଳାଙ୍କ ହେଉଥିବା ବେଳେ ପ୍ରସାଦ ଭଦ୍ୟାପନ ସମୟରେ ଜୋଠିଶାଳ ଯାତ୍ରା ସମ୍ପୂର୍ଣ୍ଣ କୃଷି ପରମ୍ପରାର ଗରିମାକୁ ଦର୍ଶାଏ । ଜୋଠିଶାଳ ଯାତ୍ରାରେ ସର୍ବାଧିକ ମାନ୍ୟ ଦେବତା ହୋଇଥାନ୍ତି । ଏହି ପୂଜା ଦିନ ମାନଙ୍କରେ ଢେଁଙ୍ଗ ଦିନ ଜେଳି ନାରୀ ଦେବତାଙ୍କୁ ଆହ୍ୱାନ ସହ ପୂଜାର୍ଚ୍ଚନା କରାଯାଇଥାଏ । ଗଞ୍ଜାମର ସମସ୍ତ ବ୍ଲକରେ ଏହି ପୂଜା ହେଉଛି । କିନ୍ତୁ ପୂଜାର ତାରିଖ ମଧ୍ୟ ଭିନ୍ନ ପ୍ରକାରର ।

ଶ୍ୟାମସୁନ୍ଦର ମହାନ୍ତି

ଜୋଠିଶାଳ ଯାତ୍ରା ସମୟରେ ଗାହାଣ ଗୁଡ଼ିକ ମଧ୍ୟ ପରବର୍ତ୍ତୀ ସମୟରେ ଜଳିଥିବା ଲକ୍ଷ୍ୟ କରାଯାଉଛି । କିନ୍ତୁ ଗାଛଣ ଯିଏ ଗାଛଥାଏ ସେ ପୁରୁଷ ହୋଇଥିବା ଜଣାଯାଏ । ବିଶେଷ କରି ଏଠାରେ ମାଡ଼ୁଣ୍ଡିକି ଉପାସନାର ଦୃଷ୍ଟାନ୍ତ ଦେଖିବାକୁ ମିଳେ ବୋଲି ବରିଷ୍ଠ ଗବେଷକ ଡ଼ ଅନ୍ତମ ରାମ ଚୌଣ୍ଡାନଙ୍କଠାରୁ ସୂଚନା ମିଳିଛି । ଗ୍ରାମର ପୁରୁଷମାନେ ନିଷ୍ଠାର ସହ ସମସ୍ତ ପୂଜାର୍ଚ୍ଚନା ସମାପନ କରିଥାନ୍ତି । ଓଷାକୋଠି ବେଳେ ସମ୍ପୂର୍ଣ୍ଣ ଗାଁ ଆଧ୍ୟାତ୍ମିକ ପରିବେଶରେ ଶିଖର ରୁଲିଯାଏ । ଅନ୍ୟପକ୍ଷରେ ଓଷାକୋଠି ଯାତ୍ରାର ପ୍ରାରମ୍ଭିକ ବେଳା ବୋଲିଲା ଭାବେ ଜଣାଶୁଣା । ଏହା ଏକ ବାଦ୍ୟଯନ୍ତ୍ର । ପ୍ରତ୍ୟେକ ପୂଜା ଓ ପର୍ବ ପଛରେ ଅନେକ କାହାଣୀ ଥାଏ । ସେଥିରି ଓଷାକୋଠି ବା ଜୋଠିଶାଳ ଯାତ୍ରା ସମ୍ପର୍କରେ ମଧ୍ୟ ଅନେକଙ୍କ ଠାରୁ ଭିନ୍ନ ଭିନ୍ନ କାହାଣୀ ଶୁଣିବାକୁ ମିଳେ । ଏହାକୁ କିଛି ଜାନରେ ମଙ୍ଗଳବାଲିଆ ଓଷା ବୋଲି କହିବାର ମଧ୍ୟ କରିଛି ରହିଛି । କାରଣ ଆଶ୍ୱିନ ମାସ ମଙ୍ଗଳବାର ଦିନ ପୂଜାର ମହତ୍ତ୍ୱ ଅଧିକ । ଓଷାକୋଠି ଆଧ୍ୟାତ୍ମିକ ବିଶ୍ୱାସରୋଧର ଏକ ଲୌକିକ ଉତ୍ସବ ସଂସ୍କୃତିକ ଅନୁଷ୍ଠାନ । ବୈରାଗ୍ୟଶତକର ଆଶାର ଆଲୋକ ବର୍ତ୍ତିକାଟିଏ । ଲୋକ ଜୀବନର ବିଶ୍ୱସ୍ତ ଆଚରଣଗୁଡ଼ିକ ସ୍ୱରରେ, ଅନିମନ୍ତ୍ରିତ ହେଉଥିବା ନମ୍ପୋଚ୍ଚାରଣ । ନିଆରା ଏହାର ରାଗ । ଏହାରି ଭିତରେ ଲୁଚି ରହିଥିବା ଲୌକିକ ବିଚାର, ଆଧ୍ୟାତ୍ମିକ ବିଶ୍ୱାସରୋଧ ସହିତ ଗାଁ

ଦେବତା, ଗାଁ ଠାକୁରାଣୀ, ସହିତ ଗ୍ରାମ୍ୟ ଜୀବନର ସମ୍ପର୍କ ଯେଉଁଭଳି ଏକାକାକାରର ଆଚ୍ଛାନ୍ନ ଦିଏ, ତାହା ଅନନ୍ୟ ଏବଂ ଅଦିସ୍ତୁତଶୀୟ । କାରଣ ଭଳା ଶବ୍ଦ ପାଇ ହୁଏ । ଗାଁରେ ଭାବଦରଙ୍ଗରେ ଭାସି ଭାସି ଶ୍ରଦ୍ଧାକୁ ଭଲ ଭୁସୁଲ କରୁଥା ବାରିଦିଆ ଆଣ୍ଠା କରିଥାଏ । ଆହୁରି ଅନେକ ଆଣ୍ଠିକ ଆସିବ, ଲୋକ ନ ଥିଲେ, ଓଷା କୋଠି ରହିବ ହିଁ ରହିବ ବୋଲି ଗଞ୍ଜାମ ପୁସ୍ତକରେ ପ୍ରଖ୍ୟାତ ମୋତ୍ତି ବର୍ଣ୍ଣନା କରିଛନ୍ତି ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଗୁରୁବାର ୪ ଡିସେମ୍ବର ୨୦୨୫

ଆନନ୍ଦ ଓ ଆହ୍ଲାଦର ସହ ଭଗବାନଙ୍କ ନାମ ଜପ

ଆପଣ ବାୟୁମଣ୍ଡଳରେ ସୁବାଷିତ ମହକ ଅନୁଭବ କରୁଥିବେ। ସେହିପରି ଅନ୍ୟ କେଉଁଠି ଦୁର୍ଗନ୍ଧର ଅତିଶ୍ୟ ବାସ୍ନା ଆପଣଙ୍କୁ ବ୍ୟଥିତ କରିପାରେ। ଜଳାଶୟ ଏହିପରି ବାୟୁମଣ୍ଡଳରେ ଜଳ ଆକାଶରେ ଧୂଳିକଣା ପବନରେ ମୁକ୍ତ ଭାବରେ ବିଚରଣ କରୁଥାଏ। କିନ୍ତୁ ଏହା ଜଳୁଷିତ ପାଣି ସହିତ ସମ୍ମିଶ୍ରିତ ହୋଇଗଲେ ଏହା ପାଳଟି ଯାଏ ଜାଦୁଆ। ମଲ୍ଲୀ ଫୁଲକୁ ବା ବିଭିନ୍ନ ବାସ୍ନାର ଫୁଲ ଗୁଡ଼ିକ ବାୟୁର ମାଧ୍ୟମରେ ନିଜ ସୌରଭ ବିଚରଣ କରନ୍ତି। କିନ୍ତୁ ସେହି ବାୟୁ ଯେତେବେଳେ କୌଣସି ଦୂଷିତ ବସ୍ତୁ ବା ଦ୍ରବ୍ୟ ଉପରେ ଆଚ୍ଛାଦିତ ହୁଏ ତମାମ ବାୟୁ ମଣ୍ଡଳଟି ଦୁର୍ଗନ୍ଧରେ ଭରିଯାଏ। ସେହିପରି ଆମେ ଶୁଆର ଉଦାହରଣ ରଖିଥାଉ। ସାଧୁ ସଙ୍ଗରେ ବାସ କଲେ ରାମ ନାମ ଓ ଦୁର୍ଜନଙ୍କ ସହିତ ବାସ କଲେ ଗାଳି ରାବ। ଅତଏବ ଏହାର ଅନୁଚିନ୍ତନର ଅନ୍ତରାର୍ଥ ହେଉଛି ଆମେମାନେ ଗୁରୁଦେବଙ୍କ ସାନ୍ନିଧ୍ୟ ଲାଭ କଲେ ଜ୍ଞାନ ଉଦୟ ହୋଇଥାଏ। ଆମେମାନେ ଶାଶ୍ୱତ ଶାନ୍ତି ରାଜ୍ୟରେ ବିଚରଣ କରିବାର ସୁଯୋଗ ପ୍ରାପ୍ତ ହୋଇଥାଉ। ସଂସାରରେ ଜଣେ ଯେତେ ଆଧ୍ୟାତ୍ମିକ ପୁରୁଷ ପଛୁ ନା କାହିଁକି ଚିନୋଟି କଥା ମନୁଷ୍ୟଙ୍କୁ କୁହାଯାଇଥାଏ - 'ଏହି ସଂସାରକୁ କଦାପି ବିଶ୍ୱାସ କରନାହିଁ, ଭଗବାନଙ୍କୁ କଦାପି ଭୁଲ ନାହିଁ, ଆଉ ମୃତ୍ୟୁକୁ କଦାପି ଭୟ କରନାହିଁ।' ଏହି ତିନୋଟି ଆବଶ୍ୟକ। ଆମେମାନେ ଭଗବାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ। ଏହି ସଂସାରକୁ ବିଶ୍ୱାସ କରନାହିଁ, କାରଣ ସଂସାର କ୍ଷଣକୁ କ୍ଷଣ ବଦଳିଥାଏ। ଭଗବାନଙ୍କୁ କଦାପି ଭୁଲ ନାହିଁ। ନିଜ ଗୁରୁଙ୍କ ପଦାରବିନ୍ଦରେ ସବୁବେଳେ ନିଜକୁ ସମର୍ପିତ କରି ସତକର୍ମରେ ନିଜକୁ ଆଗେଇ ନେବା ସହ ମୃତ୍ୟୁ ପ୍ରତି କଦାପି ଭୟଭୀତ ହେବା ଅନୁଚିତ। ବେଦାନ୍ତୀୟ ଭାଷାରେ ଏଗୁଡ଼ିକ ମୁଖ୍ୟ ତତ୍ତ୍ୱ। ବିଦ୍ୟୁତ୍‌କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ପରିସ୍ଥିତି ମଧ୍ୟରେ ସୀମିତ କରିବା ନିର୍ବୋଧତା। ବିଦ୍ୟୁତ୍ ସର୍ବତ୍ର ବିଦ୍ୟମାନ। ବିଦ୍ୟୁତ୍ ନଥିବା କୌଣସି ସ୍ଥାନ ନାହିଁ। ଏହା ବିନା କୌଣସି ରୂପ ନାହିଁ। ଏହା ବିନା କୌଣସି ପଦାର୍ଥ ନାହିଁ। ଏହା ଉଭୟ ଚର ଓ ଅଚର ମଧ୍ୟରେ ବିଦ୍ୟମାନ। ସବୁ କିଛି ଅଣୁରେ ସଜ୍ଜା ବୋଲି ବୈଜ୍ଞାନିକମାନେ କହନ୍ତି। ସମସ୍ତ ଜଗତ, ଜାଠ ଖଣ୍ଡରୁ ବଡ଼ା ପର୍ଯ୍ୟନ୍ତ, ଅଣୁରେ ଗଢ଼ା। ସବୁକିଛି ଆଣବିକ ଶକ୍ତିର ସମାହାର। ତେଣୁ ସେମାନେ ଏହାକୁ ଅଣୁ ବୋଲି କହନ୍ତି। କିନ୍ତୁ ଆଧ୍ୟାତ୍ମବାଦୀମାନେ ଏହାକୁ ଶକ୍ତି ବୋଲି କହନ୍ତି। ସେମାନେ ଏହାକୁ ଊର୍ଜା ବୋଲି କହନ୍ତି। ନାମରେ କିନ୍ନରା ଅଛି, କିନ୍ତୁ ରୂପ ସମାନ। ସେଗୁଁଠାରେ ଅଣୁ ଅଛି ସେଠାରେ ବିଦ୍ୟୁତ୍ ଅଛି। ପ୍ରତ୍ୟେକ ଅଣୁର ଏକ ନିର୍ଦ୍ଦିଷ୍ଟ ରୂପ ଅଛି। ରୂପ ବିନା ଅଣୁ ନାହିଁ। ଭଗବାନଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ରହିବା ବେଳେ ଆମେ ଜାଣିବା ଉଚିତ ଯେ ଈଶ୍ୱର ଆମ ହୃଦୟ ଭିତରେ ବିଦ୍ୟମାନ ଅଛନ୍ତି। ଭଗବାନଙ୍କର ଅନେକ ରୂପ ଅଛି। ଭଗବାନ ବିବିଧ ରୂପରେ ବିଶ୍ୱାସ୍ତରେ। ପର୍ବତ ଗୁଡ଼ିକ ପଥରରେ, ବନ ଗୁଡ଼ିକ ଗଛରେ, ସମୁଦ୍ର ଗୁଡ଼ିକ ଜଳରେ, ପୃଥିବୀ ମୃତ୍ତିକାରେ ଓ ମନୁଷ୍ୟ ଶରୀର ମାଂସରେ ଗଠିତ। ସବୁ କିଛି ପଂଚଭୂତର ସମାହାର ଏବଂ ସେଥିପାଇଁ ସବୁ କିଛି ଭଗବାନଙ୍କର ପରିପ୍ରକାଶ। ଭଗବାନ ଏକ ଭିନ୍ନ ରୂପ ଦୁହନ୍ତି। ଏହି କଥା ଅନ୍ଧ ଓ ଅଜ୍ଞଜନଙ୍କୁ ପ୍ରଦର୍ଶିତ କରିବା ପାଇଁ ଭଗବାନ ଅବତାର ରୂପରେ ଅବତରଣ କରନ୍ତି। ମନୁଷ୍ୟଙ୍କୁ ନେଇ ଆନନ୍ଦ ସାଗରର ଅପରପାର୍ଶ୍ୱରେ ଅର୍ଥାତ ମୋକ୍ଷ ସ୍ଥଳରେ ପହଂଚିବେବା ଲାଗି ସତସଙ୍ଗ ହିଁ ଏକମାତ୍ର ନିରାପଦ ନୌକା। ତେଣୁ ସେହି ନୌକାରେ ବଡ଼ିବାର ସୁଯୋଗ ଯେପରି ଆମେ ନହରାନ୍ତି। ପୃଥିବୀରେ ସବୁ ପ୍ରାଣୀ ସେମାନଙ୍କର ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। ପଶୁ, ପକ୍ଷୀ, ଜୀବଜନ୍ତୁ ଓ ମଣା ସୂକ୍ଷ୍ମ ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। କେବଳ ମଣିଷ ତାର ଦାୟିତ୍ୱ ଭୁଲି ଯାଇଛି। ପକ୍ଷୀମାନେ ଗଛ ଓ ହେତୁର ଅନୁସରଣ କରନ୍ତି, କିନ୍ତୁ ମନୁଷ୍ୟର ଗଛ ନାହିଁ କି ହେତୁ ନାହିଁ। ଏହି କାରଣରୁ ମାନବଜାତିକୁ ସୁଧାରିବା ପାଇଁ ଭଗବାନ ମନୁଷ୍ୟ ରୂପରେ ଅବତରଣ କରନ୍ତି। ଯଦି ଗୋଟିଏ ଚିଲ ଆମ ପାଖକୁ ଆସେ ଏବଂ ଆମର ଦୋଷ ଦେଖାଏ ତେବେ ଆମେ ତାକୁ ଟେକା ମାରି ଉଡ଼େଇଦେବା। ସେଥିପାଇଁ ସେ ମାନବ ରୂପ ଧାରଣ କରନ୍ତି। ବୈଜ୍ଞାନିକମାନେ ପରୀକ୍ଷା କରିବାରେ ସବୁ ସମୟ ଅତିବାହିତ କରନ୍ତି। ତଥାପି ସେମାନେ ଅନୁତ୍ତରିତିବିହିନ। ଆମେ ଏସବୁ ପରୀକ୍ଷାରୁ କ'ଣ ପାଉଛୁ ? ଗତକାଲିର ଆବିଷ୍କାର ଆଜି ନୂଆ ବିଶେଷ ଓ ଆଜିର ଆବିଷ୍କାର କାଲିକୁ ନୂଆ ବିଶିଷ୍ଟ। ଏହା ହିଁ ସାର। ଏହାର କିଛି ଉପଯୋଗିତା ନାହିଁ। ଭକ୍ତିମାର୍ଗ ଜ୍ଞାନମାର୍ଗ ଅପେକ୍ଷା ସହଜତର। ଜ୍ଞାନ ଅତି କଷ୍ଟକର। ଏହା ପ୍ରତ୍ୟେକଙ୍କୁ ବୋଧାଯାଇନାହିଁ। ଆମର ଦୃଷ୍ଟିକୁ ଭଗବାନଙ୍କ ଆଡ଼କୁ ନିର୍ଦ୍ଦେଶିତ କରିବା। ତେବେ ସବୁ କିଛି ଆମ ପାଖକୁ ଆସିପାରିବ। ଏହି ଭକ୍ତିର ଉତ୍କର୍ଷରେ ଆଉ କିଛି ନାହିଁ। ଆନନ୍ଦ ଓ ଆହ୍ଲାଦର ସହ ଭଗବାନଙ୍କ ନାମ ଜପ କରିବା ଯାହାଦ୍ୱାରା ଆମେମାନେ ଏ ପୃଥିବୀରେ ସବୁକିଛିକୁ ପ୍ରାପ୍ତ ହେବା ସହ ଦିବ୍ୟ ଜୀବନ ଓ ଶାନ୍ତିର ଅଧିକାରୀ ହୋଇପାରିବା। ଜୀବନ କ୍ଷୁଦ୍ର ଏଣେ ସମୟ ପ୍ରଖର ବେଗରେ ଗଡ଼ି ଚାଲିଛନ୍ତି। ମୃତ୍ୟୁ ଅପେକ୍ଷା କରି ରହିଛି ଦେଖି ମୁହୂର୍ତ୍ତରେ ଆମ ମାନଙ୍କୁ ତାର ସର୍ବଗ୍ରାସୀ ଆହ୍ୱାନ ଭିତରେ ସ୍ଥାନ ଦେବା ପାଇଁ। ଆତ୍ମସାକ୍ଷାତ କରି ସତଚିତ ଆନନ୍ଦ ପରମାତ୍ମାଙ୍କ ସାକ୍ଷାତ ଲାଭ ଉଠାଇ ଦିବ୍ୟ ଗୁରୁଦେବଙ୍କ ନାମ ସ୍ମରଣ କଲେ ଜୀବନ ଚକ୍ରରୁ ମୁକ୍ତି ପାଇ ପାରିବା।

କିଛି ଯିବନାହିଁ ତୁମ ସାଥେ...

ଜୀବନରେ ଏହିପରି କ୍ରାନ୍ତି ଆସିଯାଏ । ଯେବେ ତୁମେ ବାହାର ଆସକ୍ତିରୁ ମୁକ୍ତ ହୋଇଯାଅ ସେତିକିବେଳେ ଭିତରର ସଂପତ୍ତି ଦୃଶ୍ୟ ହୁଏ । ଯେତେଦିନଯାଏଁ ବାହ୍ୟ ସଂପତ୍ତିକୁ ଠୁଳ କରିବାରେ ଲାଗିଥାଅ ସେତେଦିନଯାଏଁ ଭିତରର ସଂପତ୍ତି କ'ଣ, କିପରି କିଛି ତୁମକୁ ଜଣାପଡ଼ିବ ନାହିଁ । ବାହାରେ ବାହାରେ ତୁମେ ସବୁ ଏତେ ବ୍ୟସ୍ତ ଯେ, ଭିତର କଥା ଚିନ୍ତା କରିବାକୁ ତୁମ ପାଖରେ ସମୟ ନାହିଁ ? ମଣିଷଠାରୁ ନିର୍ବୋଧ ଏ ସଂସାରରେ ଆଉ କେହି ନାହିଁ । ତାର ଏକମାତ୍ର କାରଣ ହେଲା ଜୀବନଯାତ୍ରାର ନିଛକ ସତ୍ୟକୁ ଜାଣି ମଧ୍ୟ ସେ ଜୀବନଚମାମ କିଛି ନଜାଣିଲା ପରି ବ୍ୟବହାର କରିଥାଏ । ଯେଉଁ ସଉଦା ତା'ର ଆଗାମୀ ଯାତ୍ରାପଥରେ ଆଦୌ ସହାୟକ ହେବନାହିଁ ସେହି ସଉଦା ସେ କରିଚାଲିଥାଏ । ଯେଉଁ ସଂପତ୍ତିକୁ ସେ ସଙ୍ଗରେ ନେଇ ଯାଇପାରିବନାହିଁ ମେଳାଗୁ, ସେହିସବୁ ସଂପତ୍ତି କିଣି ଠୁଳ କରିବାରେ ଲାଗିଥାଏ । ସୃଷ୍ଟିର ଏ ଅନନ୍ତ ଯାତ୍ରାପଥରେ ଏ ଜନୁ-ଜୀବନ କ୍ଷେତ୍ରସରେ କିଛିକ୍ଷଣର ବିଶ୍ରାମ ପାଇଁ ଉଦ୍ଦିଷ୍ଟ ମାତ୍ର । କିଛିକ୍ଷଣ ବିଶ୍ରାମ ନେବ ଏବଂ ପୁନର୍ବାର ଯାତ୍ରାପଥରେ ଆଗେଇଯିବ । ଅଥଚ ମଣିଷ ବିଶ୍ରାମ ନିଏନାହିଁ । ବରଂ ଠିକ୍ ବିପରୀତ କରିବସେ । ଜୀବନଚମାମ ଅଣନିଶ୍ୱାସୀ ହୋଇ ଧାଉଁଥାଏ । ଧାଉଁଥାଏ କେବଳ ସଂପତ୍ତି ଠୁଳ କରିବା ପାଇଁ । ଏହାଛଡ଼ା ସତେସେପରି ଆଉ କିଛି ସେ ଜାଣେନାହିଁ । ଜୀବନରେ ଅଧାରୁ ଅଧିକ ଚାଲିଯାଏ ସରତେଏ ଦୋଳିବାରେ । ଖାଲି ସେ ଦୋଳିବେଳେ ସରେନାହିଁ । ତାହା ପୁଣି ଯେତେ ସୁନ୍ଦର ହେବ । ଅନ୍ୟଠାରୁ ପୃଥକ ହେବ । ତଟାଣରେ ମାର୍ବଲ ଲାଗିବା ଦରକାର । କବାଟ ଶାଗୁଆନ ଲାଗେ । ଚାକଚାକ୍ୟ ଘର । ତା' ଭିତରେ ପୁଣି ଟିଭି, ସୋଫା, ଫ୍ରିଜ୍ ଇତ୍ୟାଦି ଆଧୁନିକ ସରଞ୍ଜାମ ଭରି ରହିଥିବ । ସ୍ୟାରେଜରେ କାର୍ ଥିବ । ଗୋଟିଏ ଘର ହେବାପରେ ଆଉ ଏକ ଜାଗା ଦିଶିଲେ କ୍ଷତି କ'ଣ ? ସୁନାଢିଣ୍ଡା ମଧ୍ୟ ଚାଲିଥିବ । ଚଙ୍କାକୁ ବିଭିନ୍ନ ସଂସ୍ଥ ଯୋଜନାରେ ବିନିଯୋଗ କରାହେଉଥିବ ଅଳ୍ପଦିନରେ ତାହା ଦୁଇଗୁଣ ହୋଇଯିବା ପାଇଁ । ବାସ୍- ଏଇମିତି ଅବହାନ ତୃଷ୍ଣାର ପଛେ ପଛେ ମଣିଷ ଲହୁଲୁହାନ ହୋଇ ଧାଉଁ ଚାଲିଥାଏ ବସ୍ତୁ ସଂଗ୍ରହ କରିବାରେ । ଏଇମିତି ସଂପତ୍ତି ପଛରେ ଧାଉଁ ଧାଉଁ କେତେବେଳେ ସେ ଆସି ମୃତ୍ୟୁର ଦ୍ୱାର କିଳଟରେ ପହଞ୍ଚି ସାରିଲାଣି । କେତେବେଳେ ଯେ ସନ୍ଧ୍ୟା ହୋଇଗଲାଣି ତାହା ସେ ଜାଣିପାରେନାହିଁ । ତଥାପି ଘର ସଉଦା ସରିନଥାଏ । ଏଣେ ଭୂସମ୍ପତ୍ତି କାଳିଆ । ଟ୍ରେନ କ୍ଷେତ୍ରନ ଛାଡ଼ିଦିଏ । ଯାତ୍ରାପଥରେ ଆଗେଇ ଯିବାକୁ ହୁଏ । ପ୍ଲାଟଫର୍ମ ଉପରେ ପଡ଼ିଗୁହେ ତୁମ ଜୀବନର ସମସ୍ତ ଅବରଜାରୀ ସଂପତ୍ତିମାନ- ଘରବାଡ଼ି, ଟଙ୍କା, ସୁନା, ନାମ, ଯଶ । କିଛି ତୁମ ସହ ଯାଇପାରେନାହିଁ । ଯଦି ବାସ୍ତବରେ ଗଲାବେଳେ ଏଗୁଡ଼ିକ କିଛି ସାଥୁରେ ଯାଇପାରୁନାହିଁ, ତେବେ ମଣିଷ ଜୀବନସାରା କାହିଁକି ଅକାରଣରେ ଏ ବୃଥା ସାଧନା କରୁଥାଏ ? ଅଥଚ ଯେଉଁ ସାଧନାରେ ସେ କିଛି ଗୁପ୍ତ ଖଜଣାର ସନ୍ଧାନ ପାଇପାରିଥାଆନ୍ତା, ଯେଉଁ ସଂପତ୍ତିକୁ ସେ ସାଥୁରେ ନେଇ ଯାଇପାରିଥାଆନ୍ତା ସେ ବିଗପ୍ରତି ସେ ତ କାହିଁ କେବେବି ସଚେତନ ହୁଏନାହିଁ ? କେହି ହୁଏତ ପ୍ରଶ୍ନ କରିପାରନ୍ତି- ସତରେ କଅଣ ଏପରି କିନିଷ ଅଛି ଯାହା ମୃତ୍ୟୁସହ ଯାଇପାରେ ? ହଁ, ଅବଶ୍ୟ ଅଛି । ସମଗ୍ର ଜୀବନ ମଣିଷ ଯେଉଁ ସଂପତ୍ତି ସଂଗ୍ରହ କରୁଥାଏ, ତାହା ବାହାରେ ଥାଏ । ସବୁକିଛି ବାହାରର । ତେଣୁ ମୃତ୍ୟୁବେଳେ ତାହା ସେଇମିତି ବାହାରେ ହିଁ ରହିଯାଏ । ଅଥଚ ଆଉ ଏକ ସଂପତ୍ତି ଅଛି, ଯାହାକୁ ମଣିଷ ନିଜ ଭିତରେ ସଂଗ୍ରହ କରିବାକୁ ପଡ଼ିଥାଏ । ନିଜ ଭିତରର ସଂପତ୍ତି ଭଲାବେଳେ ନିଜ ସହ ଯାଇଥାଏ । ଜୈନ ଶାସ୍ତ୍ରରେ ଏକ ସୁନ୍ଦର କଥା ଅଛି । ଅମରାବତୀର ଶ୍ରେଷ୍ଠ ଧନଶାଳୀ ବ୍ୟକ୍ତି ସୁମେଦଙ୍କ କାହାଣୀ । ସୁମେଦଙ୍କ ପିତା ଅମରାବତୀର ସବୁଠାରୁ ଧନୀଲୋକ ଥିଲେ, ତାଙ୍କର ମୃତ୍ୟୁ ହୋଇଗଲା । ପିତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମାପ୍ତ ହେଲା । ନିଜ ଘରୁ ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବ ସଭିଏଁ ବିଦାହୋଇ ଚାଲିଗଲେ । ସମସ୍ତ ଶ୍ରାଦ୍ଧକର୍ମ ସରିଯିବା ପରେ ଗୃହର ସବୁଠାରୁ ବିଶ୍ୱସ୍ତ ତଥା ବୟୋଜ୍ୟେଷ୍ଠ ଗୁମାସ୍ତା ଆସିଲେ । ସୁମେଦଙ୍କ ସାମ୍ନାରେ ଘରର ସମସ୍ତ ହିସାବ କିତାବ ଗୁମାସ୍ତା ରଖିଲେ । ପିତା ଥିଲାବେଳେ ସୁମେଦଙ୍କର ଘରର ସଂପତ୍ତି ଏବଂ ଆୟବ୍ୟୟର ହିସାବ ରଖିବାର କୌଣସି ଆବଶ୍ୟକତା ଆଦୌ ପଡୁନଥିଲା । ତେବେ ପରମ୍ପରା ଅନୁଯାୟୀ ପିତାଙ୍କ ମୃତ୍ୟୁପରେ ପୁତ୍ରକୁ ହିଁ ଘରର ସମସ୍ତ ବାୟିତ୍ୱ ବହନ କରିବାକୁ ପଡ଼ିଥାଏ । ତାହାହିଁ ହେଲା । ଗୁମାସ୍ତା ସୁମେଦଙ୍କୁ ବୁଝାଇଦେଲେ ଘରର ଭୋଗ ଭୋଗାଡ଼ି ଅଛି । କେତେ କେଉଁଠାରେ ଜମିବାଡ଼ି ଅଛି । କେଉଁଠାରେ କାହା ପାଖରେ କେତେ ଟଙ୍କା ସୁଧରେ ଲଗାଯାଇଛି । ନିଜ ଘରେ କେତୋଟି ସିନ୍ଧୁକ ଅଛି । ସେମାନଙ୍କର ଅଚଳାଚଳ ସଂପତ୍ତିର ପୂରା ହିସାବ ଗୁମାସ୍ତା ସୁମେଦଙ୍କ ସାମ୍ନାରେ ପେଶ୍ କଲେ । ବିନମ୍ରତାର ସହ ଗୁମାସ୍ତା ନମସ୍କାର ହୋଇ କହିଲା- ହଜୁର, ଦୟାକରି ଆପଣ ଚଳଘରକୁ ଚାଲନ୍ତୁ । ସେହିଠାରେ ମୁଁ ଆପଣଙ୍କୁ ସମସ୍ତ ଚାବିକାଠି ଦେଇଦେବି । ଆପଣଙ୍କ ପିତା ମୃତ୍ୟୁ ପୂର୍ବରୁ ସେସବୁ ଚାବିକାଠି ମୋ ଜିମାରେ ଦେଇଯାଇଛନ୍ତି । କହିଛନ୍ତି ଆପଣଙ୍କୁ ସମସ୍ତ କଥା ବୁଝାଇ ଚାବିଗୁଡ଼ିକ ଦେଇଦେବାକୁ । ପିତା ସେ ସମସ୍ତ ସଂପତ୍ତିର ମାଲିକ ଥିଲେ । ତାଙ୍କର ଦେହାନ୍ତ ପରେ ଆପଣ ବର୍ତ୍ତମାନ ମାଲିକ । ସୁମେଦ ଉଠିଲେ ଏବଂ ସେହିଠାରେ ବ୍ୟବସାୟର ସମସ୍ତ ଖାତାପତ୍ର ଉପରେ ଥରୁତିଏ ମାତ୍ର ଆଖି ବୁଲାଇ ଆଣିଲେ । ଛୋଟି ଛୋଟି ଟଙ୍କାର ସଂପତ୍ତି । ଉଦ୍ଧାର ଘରେ ବହୁ ମୂଲ୍ୟବାନ ଅନେକ ଧନରତ୍ନ, ହୀରା, ମୋତି, ମାଣିକ୍ୟର ପଥର । ଗୁମାସ୍ତା ସୁମେଦଙ୍କ ଗଛକଡ଼ କେଦାର ଦେଖି ବିସ୍ମିତ ହେଲା । ସୁମେଦ ଧନସଂପତ୍ତି ଉଦ୍ଧାର ଘରରେ ଥିବା ଅମୂଲ୍ୟ ରତ୍ନରାଜି ସବୁକୁ ଚାହିଁ ଚାହିଁ ଦେଖୁଥାଆନ୍ତି, କିନ୍ତୁ ସେ ଦେଖିବାରେ ଜୀବନ ନଥାଏ । ଲାଗୁଥାଏ ସତେଯେମିତି ଖୁଲ୍ ଦୂରକୁ ଛିଡ଼ାହୋଇ ସେ ସବୁ ଦେଖୁଛନ୍ତି । ପାଖରେ ନାହାନ୍ତି ସେ । ଆଖିରେ ଦେଖିବାର ଆଗ୍ରହ, ଆକର୍ଷଣ ନଥାଏ । ଲୋଭୁତ ଦୃଷ୍ଟି ନଥାଏ । ଏଇମିତି ଦେଖୁଦେଖୁ ତାଙ୍କ ଆଖିରୁ ଅଶ୍ରୁ ଗଡ଼ିଗଲା । ପାଖରେ ଛିଡ଼ା ହୋଇଥିବା ଗୁମାସ୍ତା ଆଶ୍ଚର୍ଯ୍ୟ ହେଲା । ଏତେ ବଡ଼ ଅଜବ କଥା । ଅଚଳାଚଳ ସଂପତ୍ତି ଦେଖି ସୁମେଦ ଖୁସିହେବେ କ'ଣ, ତାଙ୍କ ଆଖିରେ ପୁଣି ଅଶ୍ରୁ ! ଗୁମାସ୍ତା ପାଟି ଖୋଲିଲେ । ହଜୁର, ଆପଣ ହେଉଛନ୍ତି ବର୍ତ୍ତମାନ ଏ ପୃଥିବୀସ୍ଥରେ ସବୁଠାରୁ ଧନଶାଳୀ ବ୍ୟକ୍ତି । ପିତାଙ୍କ ମୃତ୍ୟୁପରେ ଆପଣ ବର୍ତ୍ତମାନ ମାଲିକ । ଏସବୁ ଆପଣଙ୍କୁ ଦ୍ୱାରା ଅର୍ଜିତ ସଂପତ୍ତି । ପ୍ରତ୍ୟେକ ପିଢ଼ି ଏ ସଂପତ୍ତିକୁ ବୃଦ୍ଧି କରି ଚାଲିଯାଇଛନ୍ତି । ଏଥିରୁ କାଣିଚାଏ କମ୍ କେବେ ହୋଇନାହିଁ । ଆପଣଙ୍କର ପ୍ରସନ୍ନ ହେବା କଥା । ସୁମେଦ ଗୁମାସ୍ତାଙ୍କୁ ପ୍ରଶ୍ନ କଲେ । ଆପଣ ତ ମୋ ପିତାଙ୍କର ବିଶ୍ୱସ୍ତ କର୍ମଚାରୀ ଥିଲେ । ମୋର ଗୋଟିଏ ପ୍ରଶ୍ନର ଉତ୍ତର ଦେଇପାରିବେ ? ମୋ ପିତାଙ୍କର ପିତା ସ୍ୱର୍ଗାରୋହଣ କଲେ । ସେ ଗଲାବେଳେ ଏ ଧନସଂପତ୍ତିକୁ ଜାଣିବାଏ ନେଇପାରିଲେ ନାହିଁ । ତା'ପରେ ମୋ ପିତାଙ୍କର ମଧ୍ୟ ମୃତ୍ୟୁ ହେଲା । ସେ ମଧ୍ୟ ତାଙ୍କ ସହ କିଛି ସଂପତ୍ତି ନେଇପାରିଲେ ନାହିଁ, ଯାହାକୁ ଏତେ ମେହେନତ କରି ସମଗ୍ର ଜୀବନ ସେ କମାଇଥିଲେ । ତେବେ ମୋର କ'ଣ ଲାଭ ହୁଏ ଜାଣିଛ ? ମୁଁ ତାଙ୍କଠାରେ ମୋର ମୃତ୍ୟୁବେଳେ ମୁଁ ଯେପରି ମୋ ସହ ଏ ସମସ୍ତ ଧନସଂପତ୍ତି ସାଥିରେ ନେଇ ଚାଲିଯାଇପାରିବି । ଏହାର ଉପାୟ ମୋତେ କିଛି ବତାଇ ଦେଇପାରିବ ? ତୁମେ ତ ନିଜେ କହୁଛ ଯେ, ପୁରୁଷାର୍ଥରୁଲୁଟ୍ରମେ ଏ ସଂପତ୍ତି ହାତକୁ ହାତ ହସ୍ତାନ୍ତର ହେବାରେ ଲାଗିଛି । ଏଥିରୁ ଗୋଟିଏ ଏକଥା ସ୍ପଷ୍ଟ ହୁଏ, ପ୍ରତ୍ୟେକ ଦୋଳାରେ ଚାଲିଯାଇଛନ୍ତି ଅଥଚ କାହାରି ସହ ଏ ଧନସଂପତ୍ତି ଯାଇପାରିନାହିଁ । କିନ୍ତୁ ଆଜିଠାରୁ ମୁଁ ଏହି ପରମ୍ପରାକୁ ଆଉ ଆଗକୁ ବୋହଇାଇବାକୁ ଦେବିନାହିଁ । ମୁଁ ଚାହୁଁନାହିଁ ଯେ ମୋର ମଧ୍ୟ ମୃତ୍ୟୁ ହେବ ଆଉ ଏ ସଂପତ୍ତି ଏହିଠାରେ ପଡ଼ିରହିବ । କାରଣ ମୋ ଦୃଷ୍ଟିରେ ଯାହା ଏହିଠାରେ ରହିଯିବ ସାଥିରେ ଯିବନାହିଁ, ସେଇଭଳି ସଂପତ୍ତିର ମୂଲ୍ୟ କ'ଣ ? ମୁଁ ମୋ ସାଥିରେ ମୃତ୍ୟୁସହ ସବୁକିଛି ନେଇଯିବି । ତୁମେ ଜାଣି ସକାଳ ସୁଦ୍ଧା ଏଥିପାଇଁ କିଛି ଉପାୟ ବାହାର କରି ମୋତେ ଜଣାଅ, ନତେବେ ମୁଁ ନିଜେ ଉପାୟ ଖୋଜି ବାହାର କରିଦେବି । ବିଦ୍ଧାରିତ ନୟନରେ ଗୁମାସ୍ତା କେବଳମାତ୍ର ସୁମେଦଙ୍କ କଥା ଶୁଣିଯାଉଥିଲେ । ସୁମେଦ କହିଲେ-ମୋତେ କିନ୍ତୁ ଉପାୟ ଯେତେଶୀଘ୍ର ପାର ବତାଇବ । କାରଣ ଏତେ ଧନସଂପତ୍ତି ଦେଖିବା ପରେ ମୁଁ ମଧ୍ୟ ଆଉ ସ୍ଥିର ହୋଇ ବସିପାରୁନାହିଁ । ମୋର ଭୟ ମୃତ୍ୟୁ କେବେବେଳେ କେଉଁ ମୁହୂର୍ତ୍ତରେ ଆସି ପହଞ୍ଚିଯିବ ତା' କିଏ ଜାଣେ ? ଆଉ ତା' ଯଦି ହୋଇଯାଏ, ତେବେ ଏ ତାବିଜାଠି ପୁଣି କାହା ହାତକୁ ଚାଲିଯିବ । ତୁମେ ମୋ ପୁଅ ହାତରେ ଏସବୁ ତାବିଜାଠି ଧରାଇଦେବ ତାକୁ ପୁଣି ସବୁ ବୁଝାଇବା ଆରମ୍ଭ କରିଦେବ । ନା ଏ ସଂପତ୍ତି ମୁଁ ମୋ ସହ ନେଇ ଯାଇପାରିବି, ନା ମୋର ପୁଅ ନେଇ ଯାଇପାରିବ । ନା, ଏ ହିସାବ ମୁଁ ମୋରି ହାତରେ ଶେଷ କରିଦାକୁ ଚାହେଁ । ଏ ସମସ୍ତ ଧନସଂପତ୍ତି ମୁଁ ମୋ ସହ ନେଇଯିବାକୁ ଚାହେଁ । ଗୁମାସ୍ତା କହିଲେ- ହଜୁର, ଏପରି କେବେବି ହୋଇନାହିଁ କିମ୍ବା ହୋଇ ମଧ୍ୟ ପାରିବନାହିଁ । ଭଲାବେଳେ ଏ ସଂପତ୍ତିକୁ କେହି ନେଇ ଯାଇପାରିନାହାନ୍ତି । ସୁମେଦ ଗୁମାସ୍ତାର କଥା ଶୁଣି ହସିଲେ । କହିଲେ ମୁଁ ଉପାୟ ଖୋଜି ବାହାର କରିଦେଇଛି । ଏହା କହି ସେହି ମୁହୂର୍ତ୍ତରେ ସୁମେଦ ସମସ୍ତ ଧନସଂପତ୍ତି ଦାନ କରିଦେଲେ ଏବଂ ସେହି ମୁହୂର୍ତ୍ତରେ ସେ ସନ୍ନ୍ୟାସ ନେଇଗଲେ । କହିଲେ- ବର୍ତ୍ତମାନ ମୁଁ ମୋ ସହ ମୋର ସଂପତ୍ତି ନେଇ ଯାଇପାରିବି । ଇତିହାସ ଛୁଇଁ -ତା'ପରଠାରୁ ସମସ୍ତ ଧନ, ଐଶ୍ୱର୍ଯ୍ୟ ତ୍ୟାଗ କରି ସୁମେଦ ଅମରାବତୀର ଶ୍ରେଷ୍ଠ ଧନୀ ସନ୍ନ୍ୟାସୀ ହୋଇଗଲେ । ଜୀବନରେ ଏହିପରି କ୍ରାନ୍ତି ଆସିଯାଏ । ଯେବେ ତୁମେ ବାହାର ଆସକ୍ତିରୁ ମୁକ୍ତ ହୋଇଯାଅ ସେତିକିବେଳେ ଭିତରର ସଂପତ୍ତି ଦୃଶ୍ୟ ହୁଏ । ଯେତେଦିନଯାଏଁ ବାହ୍ୟ ସଂପତ୍ତିକୁ ଠୁଳ କରିବାରେ ଲାଗିଥାଅ ସେତେଦିନଯାଏଁ ଭିତରର ସଂପତ୍ତି କ'ଣ, କିପରି କିଛି ତୁମକୁ ଜଣାପଡ଼ିବ ନାହିଁ । ବାହାରେ ବାହାରେ ତୁମେ ସବୁ ଏତେ ବ୍ୟସ୍ତ ଯେ, ଭିତର କଥା ଚିନ୍ତା କରିବାକୁ ତୁମ ପାଖରେ ସମୟ ନାହିଁ ? ଆଉ ଯେଉଁ ସଂପତ୍ତି ତୁମେ ତୁମ ସହ ଏହାର ପରଜନ୍ମକୁ ନେଇ ଯାଇପାରିବ ତାହାରି ଅନ୍ୱେଷଣରେ

ସମ୍ବଲପୁର ଲୋକ ମହୋତ୍ସବ ପାଇଁ ସମନ୍ୱୟ ବୈଠକ

ସମ୍ବଲପୁର,୩/୧୨(ନି/ପ୍ର): ସମ୍ବଲପୁର ଲୋକ ମହୋତ୍ସବ ପାଇଁ ତପସ୍ୱିନୀ ପ୍ରେକ୍ଷାଳୟରେ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁଙ୍କ ସମେତ କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର ଗତବର୍ଷ ସମ୍ବଲପୁର ଲୋକ ମହୋତ୍ସବବେଳେ ଯେପରି ସମସ୍ତଙ୍କ ସହଯୋଗରେ ସଫଳ ହୋଇଥିଲା, ତଦ୍ରୂପ ବର୍ଷ ମଧ୍ୟ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ତଦ୍ରୂପ ବର୍ଷ ସମ୍ବଲପୁର ଲୋକ ମହୋତ୍ସବ ପାଞ୍ଚଦିନ ଧରି ଚାଲିବ ବୋଲି ସୂଚନା ଦେଇଥିଲେ ।ସମସ୍ତଙ୍କୁ ସମୟ ସାରଣୀ ଭିତରେ ବ୍ୟୟ ଦେଇଦିଆଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲାପାଳ ତଦ୍ରୂପ ବର୍ଷ ମହୋତ୍ସବରେ ଛାତ୍ରଛାତ୍ରୀଙ୍କୁ ସାମିଲ କରିବାକୁ ଉଦ୍ୟମ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଭାମୁ ନିଜ ବକ୍ତବ୍ୟରେ କହିଥିଲେ ଗତ ବର୍ଷ ଯେଉଁ ସମସ୍ୟାର ସମ୍ମୁଖୀନ ଦେଖା ଯାଇଥିଲା ତାହା ତଦ୍ରୂପ ବର୍ଷ ଏଡ଼ାଇ ଦିଆଯିବା ପାଇଁ ସମ୍ପୂର୍ଣ୍ଣ ଦୃଷ୍ଟି ଦିଆଯାଇଛି ବୋଲି କହିଥିଲେ । ଆମେ ଜନ ଗହଳିକୁ ସଠିକ ଭାବେ ପରିଚାଳନା କରିବାକୁ ଲକ୍ଷ୍ୟ ରଖିଛୁ । ଲୋକ ମହୋତ୍ସବ କରିଆରେ ଆମେ ଆମର ସ୍ୱତନ୍ତ୍ର ସଂସ୍କୃତିକୁ ଲୋକଙ୍କୁ ଦେଖାଇବା ସହ ଦେଶର ବାସୀଙ୍କୁ ଜଣାଇବାର ଏହା ଏକ ପ୍ରମୁଖ ଅବସର ବୋଲି ମଧ୍ୟ କହିଥିଲେ । ଏହାକୁ ନୂଆ ପରିଚୟ ଓ ରୂପ ଦେବାପାଇଁ ଆମକୁ ଚେଷ୍ଟା କରିବାକୁ ହେବ ବୋଲି କହିଥିଲେ ।

ପୁନେ ଓ ଚେନ୍ନାଇର ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ କନ୍ଧମାଳର ଯୁବକ ଯୁବତୀଙ୍କ ସଫଳତା

କନ୍ଧମାଳ,୩/୧୨(ନି/ପ୍ର):ଯୁବ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ଅଧୀନସ୍ଥ ସ୍ୱୟଂଶାସିତ ସଂସ୍ଥା 'ମେରା ଯୁବା ଭାରତ' (ମାଇଁ ଭାରତ) ଓ ଗୃହ ମନ୍ତ୍ରଣାଳୟର ମିଳିତ ସହଯୋଗରେ ଆୟୋଜିତ ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ କନ୍ଧମାଳର ଯୁବ ବଳ ଓଡ଼ିଶାର ସମ୍ମାନ ବଢ଼ାଇଛନ୍ତି । ମେରା ଯୁବା ଭାରତ, କନ୍ଧମାଳର ଅଂଶଗ୍ରହୀମାନେ ନିଜର ଦକ୍ଷତା, ସାହସ ଓ ସଂସ୍କୃତିକ ଉଦ୍ୟମ ଦ୍ୱାରା ଜାତୀୟ ମଂଚରେ ବୃଢ଼ ଚିହ୍ନ ରଖି ଆସିଛନ୍ତି । ୨୩ରୁ ୨୯ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ପୁନେରେ ଆୟୋଜିତ କାର୍ଯ୍ୟକ୍ରମରେ କନ୍ଧମାଳ ପାଇଁ ବିଶେଷ ସଫଳତା ଆଣିଛନ୍ତି । ଯୁବମାନେ ବକ୍ତୃତା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଓ ଗୁପ୍ତ ଭାଷାରେ ପ୍ରଥମ ସ୍ଥାନ ଅଧିକାର କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି । ସେମାନଙ୍କର ଭାଷଣ ଆତ୍ମବଳ, ପରିଚୟ ଓ ଅଭିବୃତ୍ତିକୁ ପ୍ରକାଶ କରିଥିଲା , ଯେତେବେଳେ ନୃତ୍ୟ ପ୍ରଦର୍ଶନ କନ୍ଧମାଳର ସମୃଦ୍ଧ ଜାତିୟ ସଂସ୍କୃତିକୁ ମଂଚରେ ଜଳାଗର କରିଥିଲା । ୨୩ରୁ ୨୯ ନଭେମ୍ବର ପର୍ଯ୍ୟନ୍ତ ଚେନ୍ନାଇ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଧ୍ୟ କନ୍ଧମାଳର ବଳ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ସେମାନେ ଗ୍ରୁପ୍ ଡାନ୍ସ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ଦର୍ଶକ ଓ ବିଚାରକମାନଙ୍କୁ ନୃତ୍ୟର ଦ୍ରୁତ, ଗଠନ ଓ ସାଂସ୍କୃତିକ ଛାପ ଦ୍ୱାରା ପ୍ରଭାବିତ କରିଥିଲେ । ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ବିଭିନ୍ନ ଅଞ୍ଚଳର ଜାତିୟ ଯୁବମାନଙ୍କୁ ଏକ ମଂଚରେ ଆଣି ସାଂସ୍କୃତିକ ବିନିମୟ, ନେତୃତ୍ୱ ବିକାଶ , ଜ୍ଞାନବର୍ଧନ ଓ ଅନୁଭବ ସଂଗ୍ରହର ସୁଯୋଗ ପ୍ରଦାନ କରିବା । ସପ୍ତାହ ତଳିଆ ଆୟୋଜନରେ ସାଂସ୍କୃତିକ ସନ୍ଧ୍ୟା, ଯୁବ ସଂସଦ ଓ ଅନ୍ୟାନ୍ୟ ଅଭିଜ୍ଞତା ଆଦାନପ୍ରଦାନ ଜରିଆରେ ଅଂଶଗ୍ରହଣକାରୀ ଯୁବକ ଯୁବତୀମାନେ ପରସ୍ପରଙ୍କ ସଂସ୍କୃତି, ପରମ୍ପରା ଓ ଜୀବନଶୈଳୀ ବୁଝିବା ସହ ଜାତୀୟ ସଂହତି ଓ ସାମାଜିକ ସମ୍ପୃକ୍ତିକୁ ଦୃଢ଼ କରିଛନ୍ତି । ଏହି ଅଭିଜ୍ଞତା ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ, ନେତୃତ୍ୱ ଗୁଣ ଓ ସାମାଜିକ ଦାୟିତ୍ୱବୋଧକୁ ଆହୁରି ଦୃଢ଼ କରିବା ସହ ଭବିଷ୍ୟତରେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଦେଶର ପ୍ରତିନିଧିତ୍ୱ କରିବାର ସୁଯୋଗ ସୃଷ୍ଟି କରିଛି । ଏହି ସଫଳତା ପାଇଁ ସମ୍ବନ୍ଧିତ ଅଧିକାରୀ ଓ ଅଂଶଗ୍ରହଣକାରୀମାନେ ସନ୍ତୋଷ ପ୍ରକାଶ କରିଛନ୍ତି । ଏହି ସଫଳତା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଏପରି ଆହୁରି ଅଧିକ ଯୁବ ବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଆଶା ପ୍ରକାଶ କରାଯାଇଛି ।

ପୂର୍ତ ବିଭାଗର ପୂର୍ବତନ ସଚିବ ଇଞ୍ଜିନିୟର ଜଗଦିଶ ପଣ୍ଡାଙ୍କ ପରଲୋକ

ସମ୍ବଲପୁର,୩/୧୨(ନି/ପ୍ର): ଓଡିଶା ସରକାରଙ୍କ ପୂର୍ବ ତଥା ନିର୍ମାଣ ବିଭାଗ ର ଅବସରପ୍ରାପ୍ତ ସଚିବ ସ୍ଥାନୀୟ ବୈଦିକ ବିହାର ବାସିନ୍ଦା ତଥା ଝାଡୁଆପଡ଼ା ମୂଳ ନିବାସୀ ଇଞ୍ଜିନିୟର ଜଗଦୀଶ ପଣ୍ଡା ଙ୍କ ୮୫ ବର୍ଷ ବୟସ ରେ ପରଲୋକ ହୋଇଯାଇଛି । ତାଙ୍କ ଦୁଇ ପୁଅ, ବୁଲବୋଲୁ,ଝିଅ ଜ୍ଞାଣି, ସାନ ଭାଇ, ଭାଇବୋଉ,ପୁତୁରା,ଝିଆରି ଓ ନାତି ନାତୁଣି ଅଛନ୍ତି । ସେ ବୁର୍ଲା ଇଞ୍ଜିନିୟରିଂ କଲେଜରୁ ୧୯୬୩ ରୁ ସିଭିଲ ଇଞ୍ଜିନିୟରିଂ ରେ ସ୍ନାତକ ଡିଗ୍ରୀ ହାସଲ କରିବା ପରାରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡିଶା ର ବିଭିନ୍ନ ଅଞ୍ଚଳରେ ଏସ୍ ଡି ଓ,ନିର୍ବାହୀ ଯନ୍ତ୍ରୀ, ଏସ୍ଇ ହେବା ପରେ ଚିଫ୍ ଇଞ୍ଜିନିୟର ଭାବେ ମଧ୍ୟ ଅବସ୍ଥାପିତ ହୋଇଥିଲେ । ସେ ସମ୍ବଲପୁର ଅଞ୍ଚଳ ର ଜନଜୀବନ ଉପରେ ଆଧାରିତ ଜାଙ୍ଗାଳୀ ପୁସ୍ତକ 'ଝବଶବ ଷଲ ଝବଜ୍ଞଉବଶ୍ଚଷ୍ଟଙ୍କଙ୍କ' ରଚନା କରିଥିଲେ । ତାଙ୍କ ବିୟୋଗ ରେ ବୈଦିକ ବିହାର ଉନ୍ନୟନ କମିଟି ସମେତ ସମ୍ବଲପୁର ର ବିଭିନ୍ନ ଅନୁଷ୍ଠାନ ତଥା ସଂଗଠନ ତରଫରୁ ଗଭୀର ଶୋକପ୍ରକାଶ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ମଙ୍ଗଳବାର ଅପରାହ୍ନରେ ସମ୍ବଲପୁର ରାଜଘାଟ ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଥିଲା ।

ସମ୍ବଲପୁରରେ 'ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ୍' ଶୁଭାରମ୍ଭ

କେନ୍ଦ୍ରମନ୍ତ୍ରୀ କହିଲେ, ଖେଳାଳିମାନେ ଦେଶର ବ୍ରାଣ୍ଡ୍ ଆମ୍ବାସାଡର୍

ସମ୍ବଲପୁର,୩/୧୨(ନି/ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ' ଆରମ୍ଭ କରି ଦେଶର ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ ରହିବା ପାଇଁ ପ୍ରେରଣା ଦେଇ ଆସୁଛନ୍ତି । ଏହି 'ଫିଟ୍ ଇଣ୍ଡିଆ' ଲକ୍ଷ୍ୟ ହାସଲ ଦିଗରେ ସାଇକେଲିଂ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ସମ୍ବଲପୁରରେ "୩୦ତମ ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ - ୨୦୨୫ର ଉଦଘାଟନୀ ସମାରୋହରେ ଭିଡ଼ିଓ ବାର୍ତ୍ତା କରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି, କଳା ଓ ସଂସ୍କୃତିର ସହର ସମ୍ବଲପୁରରେ ଆୟୋଜିତ "୩୦ତମ ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ - ୨୦୨୫ ଦେବକ ଏକ ପ୍ରତିଯୋଗିତା ନୁହେଁ, ଏହା ହେଉଛି ଭାରତର ଶ୍ରେଷ୍ଠ ସାଇକେଲ ଚାଳକମାନଙ୍କ ପ୍ରତିଭାକୁ ଗୋଟିଏ ମଂଚରେ ଏକାଠି କରିବାର ମହାନ ଅବସର । ଏହି ଚାମ୍ପିଅନସିପ୍ ତଳିତ ଡିସେମ୍ବର ୨ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୬ ପର୍ଯ୍ୟନ୍ତ ଚାଲିବ । ସମ୍ବଲପୁରର ନକ୍ସାପାଲିରୁ ଝାଙ୍କରପାଲି ପର୍ଯ୍ୟନ୍ତ ଏହି ସାଇକେଲ୍ ଯାତ୍ରା ଅନୁଷ୍ଠିତ ହେବ । ଓଡ଼ିଶା ସମେତ ସାରା ଭାରତବର୍ଷରୁ ଏହି ପ୍ରତିଯୋଗିତାରେ ପ୍ରାୟ ୮୫୦ରୁ ଅଧିକ ଚାଳକ ଏବଂ ୧୨୨ ଜଣ ଟିମ୍ ଅଧିକାରୀ ଅଂଶଗ୍ରହଣ କରିଛନ୍ତି, ଯାହା ଏକ ଶୁଭ ସଙ୍କେତ । ଏହି ଚାମ୍ପିଅନସିପ୍ ?ର ମୁଖ୍ୟ ଲକ୍ଷ୍ୟ ହେଉଛି - ଯୁବପିଢିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଫିଟ୍?ନେସ୍ ପାଇଁ ଉତ୍ସାହିତ କରିବା । ସେ ଆହୁରି କହିଛନ୍ତି, ଖେଳାଳିମାନେ ହେଉଛନ୍ତି ଦେଶର ବ୍ରାଣ୍ଡ୍ ଆମ୍ବାସାଡର୍ । ସେମାନଙ୍କର କଠିନ ପରିଶ୍ରମ ଓ ଦୃଢ଼ ସଂକଳ୍ପ ଦେଶକୁ ଅନେକ ନୀତି -୨୦୨୦ରେ ଖେଳ; ପାଠପଢାର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି । ଏହି ଶିକ୍ଷା ନୀତିର ନୀତିର ଲକ୍ଷ୍ୟ ହେଉଛି, ପିଲାମାନଙ୍କୁ ବୃଣମୂଳ ସ୍ତରରୁ ଆରମ୍ଭ କରି ଅଲିମ୍ପିକ୍ସ ପର୍ଯ୍ୟନ୍ତ ଏକ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମି ଯୋଗାଇଦେବା । ମା'ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ସମ୍ବଲପୁରରୁ ଆରମ୍ଭ ହେଉଥିବା ଏହି ଯାତ୍ରା ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଭାରତର ସ୍ଥାନକୁ ମଜବୁତ୍ କରିବ ।

ସଫଳତା ଦେଇଛି । ଜୀବନରେ କାର୍ଯ୍ୟ କରିବା ଯେପରି କରୁରୀ, ସେହିପରି ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଖେଳ ଏବଂ ଫିଟନେସ୍ ମଧ୍ୟ ଜରୁରୀ । ଏହି ଚାମ୍ପିୟନସିପରେ ଭାଗ ନେଇଥିବା ପ୍ରତିଯୋଗୀମାନେ କେବଳ ପ୍ରତିଯୋଗିତା କରନ୍ତୁନାହିଁ, ବରଂ ନିଜ ନିଜ ମଧ୍ୟରେ କ୍ରୀଡ଼ା ମନୋଭାବ ମଧ୍ୟ ବଜାୟ ରଖନ୍ତୁ । ଆଜି ଭାରତୀୟ ଶିକ୍ଷା ନୀତି ଏହି ୫ ଦିନ ଧରି ମାଆ ସମଲେଶ୍ୱରୀଙ୍କ ପୀଠ, ସବୁଜବି ଭୀମ ଭୋଇଙ୍କ ପୀଠ ଶୂନ୍ୟବ୍ରହ୍ମ, ହୀରାକୁଦ ଡ୍ୟାମ, ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ଖିଣ୍ଡା, ଉଷାବୋଠି, ବେଡ଼ିମାଡ଼ ଅଭୟାରଣ୍ୟ ଭଳି ସ୍ଥାନ ପରିଦର୍ଶନ କରିବା ପାଇଁ ସେ ପ୍ରତିଯୋଗୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହାବ୍ୟତୀତ । ଏହି ପ୍ରତିଯୋଗିତା କେବଳ ସମ୍ବଲପୁରର ପରିଚୟ ବଢାଇବ ନାହିଁ, ବରଂ ଆମର 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପକୁ ମଧ୍ୟ ସୁଦୃଢ଼ କରିବ ଏବଂ ଅନ୍ୟମାନଙ୍କୁ ସାଇକେଲିଂ ଓ ଫିଟ୍‌ନେସ୍ ଆଡ଼କୁ ଆକର୍ଷିତ କରିବ ବୋଲି ଶ୍ରୀ ପ୍ରଧାନ ଆଶାବାଦ୍ୟକ୍ତ କରିଛନ୍ତି । ଉଭୟ ପୁରୁଷ ଓ ମହିଳା ବିଭାଗର ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସମ୍ବଲପୁରର ସରସତିଆ ଓ ଅନ୍ୟ ଖାଦ୍ୟର ମଜା ନେବା ପାଇଁ ମଧ୍ୟ ଭିଡ଼ିଓ ବାର୍ତ୍ତା ଦେଇଛନ୍ତି । ଏହି ଆୟୋଜନ ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ପ୍ରଶାସନ, ସାଇକେଲିଂ ଫେଡେରେସନ ଅଫ୍ ଇଣ୍ଡିଆ (ସିଏଫଆଇ), ଓଡ଼ିଶା ସାଇକେଲିଂ ଆସୋସିଏସନ ତଥା ଏଥିରେ ନିୟୋଜିତ ସମସ୍ତ ଆୟୋଜକ ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

କିଶୋରୀ ବାଳିକାମାନଙ୍କୁ ଲିଙ୍ଗିକ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାର ପ୍ରଶିକ୍ଷଣ

ସମ୍ବଲପୁର, ୩/୧୨(ନି/ପ୍ର): ସମ୍ବଲପୁର ଜିଲ୍ଲା ଜମନଦିରା ବ୍ଲକ୍ ସୀମାନ୍ତ ତଥା ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ଜଂସର ଫଂଚାୟତ ଅନ୍ତର୍ଗତ ୨ଟି ସ୍କୁଲରେ ୪ ଟି ପର୍ଯ୍ୟାୟରେ କିଶୋରୀ ବାଳିକାମାନଙ୍କ ପାଇଁ ଲିଙ୍ଗିକ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାର ବିଷୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତିଲେଇବଣି ବ୍ଲକର ଦୁଧିଆନାଲି ଉଚ୍ଚ ବିଦ୍ୟାଳୟ ଓ ଜାମୁନାଲି ଗ୍ରାମ ଫଂଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ଏହା ଅନୁଷ୍ଠିତ ହୋଇଥିଲା । ସିଡ଼ି ସ୍ୱେଚ୍ଛା ପ୍ରଜଳ୍ପ ଅଧୀନରେ କିଶୋରୀ ବାଳିକା ମାନଙ୍କ ପ୍ରଜନନ ସ୍ୱାସ୍ଥ୍ୟ ପାଇଁ ଦାୟିତ୍ୱ, କର୍ତ୍ତବ୍ୟ, ସଚେତନତା ଓ ସତର୍କତା ଉପରେ ବିଶେଷ ପ୍ରଶିକ୍ଷଣ ଦିଆଯାଇଥିଲା । ଡାକ୍ତରଖାନା ଡାକ୍ତର ରାଜାରାମ ଷଡ଼ଙ୍ଗୀ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ କେତେ ଗୁରୁତ୍ୱପୂର୍ଣ୍ଣ ଓ ପରିବାର ଗଠନ ପାଇଁ କଣେ କିଶୋରୀ ବାଳିକାଙ୍କୁ କେତେ ନିଷ୍ଠା ଓ ସତର୍କତା ସହିତ ଜୀବନ ଧାରଣ କରିବାକୁ ପଡିଥାଏ ସେ ସମ୍ପର୍କରେ ବୁଝାଇବା ସହିତ ପ୍ରଜନନ ସ୍ୱାସ୍ଥ୍ୟ ସତର୍କତା ଉପରେ ସମସ୍ତେ ଗୁରୁତ୍ୱ ଦେବାକୁ କହିଥିଲେ । ଉତ୍ତରାବ୍ୟ ପରବର୍ତ୍ତୀ ସମୟରେ ମା" ହେବାର ଗାରିମା କେତେ ମୂଲ୍ୟବାନ ତାହାକୁ ବୁଝାଇ ମା" ହେବାର ବୟସ କେତେ ବର୍ଷ ପରେ ହେବା ଉଚିତ ସ୍ୱାସ୍ଥ୍ୟ ବିଜ୍ଞାନ କଣ କହୁଛି ସେ ବିଷୟରେ ମଧ୍ୟ ଧାରଣା ଦେଇଥିଲେ । ଏହାସହ ପ୍ରଜନନ ସ୍ୱାସ୍ଥ୍ୟ ଅଧିକାର କଣ ଓ ଏଥିପାଇଁ କଣ ସବୁ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ ସେ ବିଷୟରେ ବୁଝାଇ ସୁସଂଗଠିତ ପରିବାର ଗଠନ ପାଇଁ ନିଜର ଦାୟିତ୍ୱ, କର୍ତ୍ତବ୍ୟ ଓ ଅନୁଶାସନ ପାଳନ ବିଷୟରେ ଚାଲିମ ପ୍ରଦାନ କରିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟ କୋଅର୍ଡିନେଟର ସଂସାର ବାଗ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛା ପ୍ରଜଳ୍ପ ଲୁଷ୍ଟର ସଂଯୋଜକ ଯୋଗେଶ୍ୱରୀ, ମୋନାଲିସା ଭାରିଶ ମନୋହର ସଂଚାଳନ କରିଥିଲେ । ଶିକ୍ଷାର୍ଥୀମାନେ ଏହି ବିଷୟକୁ ଗୁରୁତର ଭାବେ ଗ୍ରହଣ କରି ନିଜର ଆଚାର ବ୍ୟବହାର ଓ ସାମାଜିକ ଦାୟିତ୍ୱ ପ୍ରତି ସଚେତନ ରହି ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ରହିବାକୁ କହିଥିଲେ ।

ବୟନଶିଳ୍ପ ବିଭାଗ ଉପ ନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ସମ୍ବଲପୁର,୩/୧୨(ନି/ପ୍ର):ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ବୟନଶିଳ୍ପ ବିଭାଗ ଉପ ନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟ ମହାସମାରୋହରେ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରି, ଅତିରିକ୍ତ ଜିଲ୍ଲାପାଳ ଆଶୋକ ଲୋଇ, ବୟନଶିଳ୍ପ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦେବକିତ ନନ୍ଦୀ, ଓରମାଗର ଯୁଗ୍ମ ସିଇଓ ଶ୍ରୀମତ୍ର ହୋତା, ଡିପିଏମ୍ ସପ୍ତମ ମହାପାତ୍ର, ବୁଣାକାର, ସମ୍ବଲପୁରୀ ବସ୍ତ୍ରାଳୟର ପ୍ରତିନିଧି, ବିଭିନ୍ନ କର୍ମଚାରୀ ଓ ଅନ୍ୟାନ୍ୟ ଅତିଥିମାନଙ୍କ ଗରିମାମୟ ଉପସ୍ଥିତିରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆନୁଷ୍ଠାନିକ ଭାବେ ବୟନଶିଳ୍ପ ବିଭାଗର ଉପ ନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ ।

ଜମନଦିରା ଭାଙ୍ଗପୁର ପ୍ରାଥମିକ ଓ ପରୀକ୍ଷୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ

୧୮ ଆହତ, ୩ ଗୁରୁତର ବୁର୍ଲା ସ୍ଥାନାନ୍ତର

ବିନିକା,୩/୧୨(ନି/ପ୍ର):ସୁବର୍ଣ୍ଣପୁରଜିଲ୍ଲା ବିନିକା ଥାନା ସିଙ୍ଗିଯୁଡା ନିକଟ ଏକ ନାଳରେ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ପ୍ରାୟ ୧୮ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଆହତମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ବସ୍‌ଟି ଭୁବନେଶ୍ୱରରୁ ବରଗଡ଼ ଜିଲ୍ଲା ବିଜେପୁର ନିକଟ ବୀପ୍ତିପୁର ଯାଉଥିଲା । ସକାଳ ପ୍ରାୟ ସାଢ଼େ ୫ଟାରେ ବସ୍‌ଟି ଯାଉଥିବା ବେଳେ ସିଙ୍ଗିଯୁଡା ନିକଟ ଏକ ନାଳରେ ଦୁର୍ଘଟଣାଗ୍ରସ୍ତ ହୋଇ ନାଳକୁ ଖସିପଡ଼ିଥିଲା । ଫଳରେ ପ୍ରାୟ ୧୮ ଜଣ ଆହତ ହୋଇଛନ୍ତି ।ଆହତମାନଙ୍କୁ ଉଦ୍ଧାର କରାଯାଇ ବିନିକାସ୍ଥିତ ଘୋଷା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଆହତମାନଙ୍କ ମଧ୍ୟରୁ ୫ଜଣ ଗୁରୁତର ଅଛନ୍ତି । ସେମାନଙ୍କୁ ସୋନପୁରସ୍ଥିତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି । ତେଣେ ୩ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ।

କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଜଳବାୟୁ ଅନୁକୂଳ କୃଷି-ପ୍ରକଳ୍ପର ଉଦ୍ଘାଟନ କର୍ମଶାଳା

ଜୟପୁର, ୩/୧୨(ନି/ପ୍ର): କୋରାପୁଟ ସ୍ଥିତ ସବଭାବନା ସଭାଗୃହ ଠାରେ ପ୍ରଗତି କୋରାପୁଟ ଦ୍ୱାରା ଜିଲ୍ଲା ପ୍ରଶାସନ ସହଯୋଗରେ ପୀଡ଼ବ୍ଲୁସି ଇଣ୍ଡିଆ ଫେଉଣ୍ଡେସନ ସହାୟତାରେ ଆରମ୍ଭ କରା

ଏକାମ୍ର ପ୍ରତିଭା ରତ୍ନ ସମ୍ମାନ ସମାରୋହ ଅନୁଷ୍ଠିତ

ରାଉରକେଲା,୩/ ୧୨(ନି/ପ୍ର): ସାମାଜିକ ଅନୁଷ୍ଠାନ ହାପି ମୋମେଂସ ଅଫ୍ ଇଣ୍ଡିଆ ତରଫରୁ ଏକାମ୍ର ପ୍ରତିଭା ରତ୍ନ ସମ୍ମାନ ସମାରୋହ ଭୁବନେଶ୍ୱରର ଗୀତଗୋବିନ୍ଦ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ରାଉରକୁ ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ଓ ସଂଯୋଜନାରେ ଆୟୋଜିତ ଏହି ସମାରୋହରେ ବରିଷ୍ଠ ସାମ୍ବାଦିକ ତଥା କବି ଭୁଷ୍ଣବିହାରୀ ରାଉତ ସଭାପତିତ୍ୱ କରିଥିଲା ବେଳେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟଅତିଥି, ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ସ୍ୱତନ୍ତ୍ର ଅତିଥି, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍କଳମେଳ ର ସମ୍ପାଦକ ଡଃ ପୀତବାସ ମିଶ୍ର, ଛତିଶଗଡ଼ ର ଭାଷାବିତ ଡ ମୀନକେତନ ଦାଶ, ପ୍ରାଣ୍ତନ ପ୍ରଶାସନିକ ଅଧିକାରୀ ଲୋକନାଥ ମିଶ୍ର, ପ୍ରଶାସନିକ ଅଧିକାରୀ କାନନବାଳା ନାୟକ ଓ ସନ୍ଧ୍ୟାବତୀ ପ୍ରଧାନ, ସମାଜସେବୀ ବଂଶୀଧର ଜଗଦେବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଭାପତି ଶ୍ରୀ ରାଉତ ସଭାପତିତ୍ୱ ଅଭିଭାଷଣ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ, ଏହି ଅବସରରେ ଅନୁଷ୍ଠାନ ସହ ଜଡ଼ିତ ଥିବା ବିବଙ୍ଗତ ଶଙ୍କର ପରିଡା, ପଣ୍ଡିତ ନୀଳକଣ୍ଠ ରାଉତ ଓ କଣ୍ଡଶିଳ୍ପୀ ଧ୍ୟୁମାନ ସାଗର ଙ୍କ ବିୟୋଗରେ ତଥା ଆତ୍ମାର ସଦଗତି କାମନା କରି ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଉପସ୍ଥିତ ସମସ୍ତ ଅତିଥି ଅନୁଷ୍ଠାନର ସମାଜ ପ୍ରତି ପ୍ରତିବଦ୍ଧତା, ଖୁସି ବାଟିବା, ପରିବେଶ ଓ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଶ୍ରୀ ପଣ୍ଡାଙ୍କ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ସୁବୀପ ସାହୁ , ଜୟଶ୍ରୀ ଧଳ ହ୍ୟୁମାନ ସାଗର ଗାଇଥିବା ଗୀତ ଗାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଭନ୍ନର ଆମେରିକାର ସଞ୍ଜୟ ଦଳେଇ, ହାଇଦ୍ରାବାଦରୁ ଆସିଥିବା ରାଜା ସୁଧାକର ରାଚପୁଡି ଓ ଚେତନ୍ୟ ବିଜୟଲକ୍ଷ୍ମୀ, ମଞ୍ଜୁଳା ତ୍ରିପାଠୀ, ସୁରେନ୍ଦ୍ର ମୁଦୁଲି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଯଥା ଶିକ୍ଷା, ସାହିତ୍ୟ, ସମାଜସେବା, କ୍ରୀଡା, ସଂଗୀତ, କଳା ସଂସ୍କୃତି ରେ ପାରଦର୍ଶିତା ଲାଭିଥିବା ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ରାୟଗଡା ରୁ ଆସିଥିବା ଶିକ୍ଷକ ପ୍ରଦୀପ ଚୌଧୁରୀଙ୍କ ପୁସ୍ତକ ଅନୁସନ୍ଧାନ କୁ ଅତିଥିମାନେ ଉନ୍ମୋଚିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ଆରକୁ ବିବି , ରବିତା ମହାନ୍ତି,ରାନୀ ଗାଙ୍କୁଲି ଓ ବେବିନା ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ପୁରୀ ଜିଏସବି ସ୍କୁଲ କମିଶନର ଡ ପଦ୍ମଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ଏବଂ ଆଶାଦୀପ୍ ପକ୍ଷରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଉତ୍ସବ

ରାଉରକେଲା,୩/ ୧୨(ନି/ପ୍ର): ଆଜି ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ଏବଂ ଆଶାଦୀପ୍ ରାଉରକେଲା ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଉତ୍ସବ ଛେଣ୍ଡ ସ୍ଥିତ ଉତ୍ସବତୀ ମନ୍ଦିର ନିକଟସ୍ଥ ଗାଗୁଡି ବସ୍ତି ଠାରେ ଅନୁଷ୍ଠିତ ହୋଇଯାଇଛି । ଆରଆଆରଆସି ଓ ଆଶାଦୀପ୍ ଦ୍ୱାରା ଭିନ୍ନକ୍ଷମମାନଙ୍କ ବିକିତ୍ସା, ସ୍ୱତନ୍ତ୍ର ଶିକ୍ଷା ଏବଂ ପୁନର୍ବାସ ସେବା ପ୍ରଦାନ କରୁଥିବା ଏକ ବେସରକାରୀ ଅନୁଷ୍ଠାନ । ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଉପଲକ୍ଷେ ଆଜି ସକାଳେ ଏକ ସଚେତନତା ଶୋଭାଯାତ୍ରା ଛେଣ୍ଡ ଭିଏସ୍‌ଏସ୍ ନିକଟସ୍ଥ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଚାହାରି ଉତ୍ସବତୀ ମନ୍ଦିର ବାଗୁଡି ବସ୍ତି ନିକଟସ୍ଥ ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ଓ ଆଶାଦୀପ୍(ଆରଆଆରଆସି ଓ ଆଶାଦୀପ୍)ର ସ୍ୱକୀୟ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲା । ଏହି ଶୋଭାଯାତ୍ରାରୁ ମୁଖ୍ୟ ଅତିଥି ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଉଦ୍ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଆଂଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ଏବଂ ଆଶାଦୀପର ଅଧିକ୍ଷକ ରାମଚନ୍ଦ୍ର ବେହେରା ଏବଂ ନିର୍ଦ୍ଦେଶକ ତ୍ରିଲୋଚନ ପାଢୀ ଉପସ୍ଥିତ ଥିଲେ । ଆରଆଆରଆସି ଓ ଆଶାଦୀପର ଭିନ୍ନକ୍ଷମମାନଙ୍କୁ ପିଲାମାନଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭିନ୍ନକ୍ଷମମାନଙ୍କୁ ସମାଜରେ ଥାଇଥାନ କରିବା ଏବଂ ରୋଜଗାରକ୍ଷମ କରାଇବା । ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଉତ୍ସବ ଅବସରରେ ଆଂଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ଏବଂ ଆଶାଦୀପ୍ କାର୍ଯ୍ୟାଳୟ ଠାରେ ଭିନ୍ନକ୍ଷମ ପିଲାମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆରମ୍ଭରେ ଆରଆଆରଆସିର ନିର୍ଦ୍ଦେଶକ ତ୍ରିଲୋଚନ ପାଢୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଆରଆଆରଆସି ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ଆଂଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ଏମ୍‌ଏମ୍ ଏନ୍ ସମ୍ପାଦିକା ଶ୍ରୀମତୀ ବଦିତା ଅଗ୍ରୱାଲ, ରୋଟାରୀ କ୍ଲବ ରାଉରକେଲା କ୍ଲବନ୍ଦୁର ସଭାନେତ୍ରୀ ଶ୍ରୀମତୀ ଶ୍ରୀଷ୍ଠା ପରମାର, ରୋଟାରୀ କ୍ଲବ ଅଫ ରାଉରକେଲା ରୟାଲସର ସଭାପତି ରାଜେଶ ଅଗ୍ରୱାଲ ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ

ରାଉରକେଲା, ୩/ ୧୨(ନି/ପ୍ର): ପ୍ରଦୂଷଣ ନିରାକରଣ ପୁଥିବୀ ପାଇଁ ଏକ ବିରାଟ ଆହ୍ୱାନ ବୋଲି ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ ଅବସରରେ ବିଶିଷ୍ଟ ପରିବେଶ ବିଜ୍ଞାନୀମାନେ ମତପ୍ରକାଶ କରିଛନ୍ତି । ରାଜ୍ୟର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆରଏସପି ସ୍ଥିତ ସିପିଟିଆଇ ଅଡ଼ିଟୋରିୟମ ଠାରେ ଆଜି ପ୍ରଦୂଷଣ ନିରାକରଣ ଦିବସ ପାଳିତ ହୋଇଯାଇଛି । ଏଥିରେ ଅଧକ୍ଷତା କରି ଏସପିସିବି ର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ଆଂଚଳିକ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକ କହିଲେ ଯେ, ଗତ ୧୯୮୪ ମସିହାରେ ଭୋପାଳ ଗ୍ୟାସ ଦୁର୍ଘଟଣା ପରଠାରୁ ଆୟୋଜିତ ହୋଇ ଆସୁଥିବା ଏହି ଦିବସ ପାଳନ ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ଓ କାର୍ଯ୍ୟ ସୁଲଭରେ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ହେବ କ୍ଷ ସାହାଦ୍ୱାରା ଏଭଳି ଘଟଣା ର ପୁନରାବୃତ୍ତି ନହେବ । ଆଗାମୀ ଦିନରେ ବିଭିନ୍ନ ଜଳ କାରଖାନାର କାର୍ଯ୍ୟ ସୁଲଭର ପରିବେଶ ଓ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବା ସହ ନିୟମ ଗୁଡ଼ିକୁ ଅନୁପାଳନ କରିବା ପାଇଁ ଢ଼ ମଲ୍ଲିକ ପରାମର୍ଶ ଦେଇଥିଲେ । ସମ୍ମିଳିତ ଉଦ୍ୟମ ଦ୍ୱାରାହିଁ ନିରାପଦ କାର୍ଯ୍ୟସୁଲଭ ଓ ସବୁଜ ଭବିଷ୍ୟତ ର ପରିଜଳ୍ପନା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ କ୍ଷ ଏସପିସିବି ପକ୍ଷରୁ ନିଆ ଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେବା ସହ ଏ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏଥିରେ ଆରଏସପିମାନଙ୍କୀ ବିଭାଗ ରଜିଙ୍କ. ଏମ.ପିସିଂହ, ଏନଏସପିସିବିଏଲ ର ସିଜିଏମ ତଥା ବିଦ୍ୟୁତ କେ. ସତ୍ୟନାରାୟଣ, ଫେକ୍ଟ୍ରି ଓ ବଜେଲର ବିଭାଗ ଡେପୁଟି ଚାଇଲେଙ୍କ ର ବିଲ୍ଲୁ ପ୍ରସାଦ ସମ୍ମାନିତ ଅତିଥିଭାବେ ମଂଚାସୀନ ରହିବା ସହ ବକ୍ତବ୍ୟ ରଖିଥିଲେ । ସେମାନେ ଆଲୋଚ୍ୟ ବିଷୟ ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ କ୍ଷ ପରିବେଶ ବିଜ୍ଞାନର ବିଭିନ୍ନ ଉପଚାର ଓ ନିୟନ୍ତ୍ରଣ ସମ୍ପର୍କରେ ଉପସ୍ଥିତ କାରଖାନା ପ୍ରତିନିଧି ମାନଙ୍କୁ ସଚେତନ କରାଇଥିଲେ କ୍ଷ ଜନ ସଚେତନତା ସହ ମାନସିକତାର ପରିବର୍ତନ ଦ୍ୱାରା କାରଖାନା ଦୂର୍ଘଟଣା ରୋକାଯିବା ସହ ନିର୍ମଳ ପରିବେଶ ସମ୍ଭବ ହୋଇପାରିବ ବୋଲି ମତ ଦେଇଥିଲେ । ଆରଏସପିର ପରିବେଶ ଇଞ୍ଜିନିୟରିଙ୍ଗ ବିଭାଗ ଜିଏମ ଇଂ. ପ୍ରଭାତ ଚନ୍ଦ୍ର ଦାଶ, ଜେଏସପୁଲ୍ଲିଲ ଜିମିଟେଡ୍ ର ନମାଗାଯଶ୍ରୀଘୋଷିଆଇନନ ଓ ମାଳୀଜି ମାନଙ୍କୁ ର ସିନିୟର ଜିଏମ ସୁରେଶ ମହାପାତ୍ର, ଡାଳମିଆ ଭାରତ ଲିମିଟେଡ୍ ର ସିନିୟର ଜିଏମ ବିଜୟ କୁମାର ଦାଶ ।

ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ ଉଦଘାଟିତ, ପ୍ରଥମ ସନ୍ଧ୍ୟାରେ ନାଟକ ଭକ୍ତର ଭଗବାନ ମଟଂସ୍ଥ

ରାଉରକେଲା,୩।୧୨(ନି/ପ୍ର)- ରାଉରକେଲା ଇସ୍ପାତ କାରଖାନା, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଓଡିଶା ସରକାରଙ୍କ ସହଯୋଗରେ ୨୭ଟି ନାଟ୍ୟ ଅନୁଷ୍ଠାନକୁ ନେଇ ଗଠିତ ଏକତ୍ର, ରାଉରକେଲା ଦ୍ୱାରା ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ -୨୦୨୫ ମଙ୍ଗଳବାର ଉଦଘାଟିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଜବି ରାଜୀବ ପାଣିଙ୍କ ସଭାପତିତ୍ୱରେ ଉଦଘାଟନୀ ସଭା ଆୟୋଜିତ ହୋଇଥିବା ବେଳେ, ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇଏସସି ଭାରାପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଯୋଗଦେଇ ଉତ୍ସବର ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିପିସ୍ଥିତିର କୁଳପତି ପ୍ରଫେସର ଅମୀୟ କୁମାର ରଥ, ଏକତ୍ରର ଉପଦେଷ୍ଟା କୃପାସିନ୍ଧୁ ନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ପ୍ରମୁଖ ସମ୍ମିଳିତ ହୋଇଥିଲେ । ପରେ ଅନୁଷ୍ଠାନର ସଭାପତି ରାଜୀବ ପାଣି ସ୍ୱାଗତ ଭାଷଣ ରଖି କହିଥିଲେ ଯେ, ନାଟକ ହେଉଛି ଆମ ସମାଜ ପାଇଁ ଦର୍ପଣ ତୁଲ୍ୟ, ନାଟକ ସମାଜରେ ପ୍ରଚଳିତ ଲୁଙ୍କୱାନ, ଅନୀତି, ଅବ୍ୟାଚାର ବିରୁଦ୍ଧରେ ନିର୍ଭିକ ଭାବେ ସତ୍ୟତା ଓ ବାସ୍ତବିକତାକୁ ଉତ୍ସୋଚନ କରି ସାମାଜିକ ଚେତନା ଉଦୟ କରିଥାଏ ବୋଲି କହିଥିଲେ ।ଏ ଅବସରରେ ମୁଖ୍ୟ ଅତିଥି ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା କରିବା ସହିତ ସବୁ କିଛି କରିବା ସହିତ ଏକ ଭଲ ଚୋରିର ନାଟକ କରିବା, ପୁସ୍ତକ ଲେଖିବା, ଗୀତ ଗାଇବା ଦ୍ୱାରା ଅନ୍ୟଙ୍କୁ ମନୋରଞ୍ଜିତ କରିବା ସହ ସମାଜରେ ଏକ ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଥାଏ ।। ଜଣେ ନାଟ୍ୟକାର ନା କେବଳ ମନୋରଞ୍ଜିତ କରେ ଏକ ସୁସ୍ଥ ସମାଜ ଗଠନ କରିବାରେ ମଧ୍ୟ ସହାୟକ ହୋଇଥାଏ ବୋଲି କହିଥିଲେ । ପରେ ଅନୁଷ୍ଠାନର ଉପ ସଭାପତି ସଭାରେ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ସଭା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରଚାର କୁମାର ଜେନା ଏବଂ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ କଳ୍ୟାଣୀ ଦାଶ, ଶାନ୍ତିଲତା ଦାଶ, ସନ୍ଧ୍ୟା ପଟ୍ଟନାୟକ, ଅରୁନ୍ଧତୀ ସାହାଁ ପ୍ରମୁଖ । ସଭା ପରେ ନାଟକ ଭକ୍ତର ଭଗବାନ ପରିବେଷଣ ହୋଇଥିଲା, ନାଟକଟି ଭକ୍ତର ଭାବର ଚୋରିରେ ବନ୍ଧା କଳା ଠାକୁର । ଭକ୍ତର ଭାବରେ ବନ୍ଧା ଜଗନ୍ନାଥ ନିଜର ଭକ୍ତମାନଙ୍କର ଗଭୀର ପରୀକ୍ଷା ନିଅନ୍ତି ପୁଣି ସେ ପରୀକ୍ଷାରେ ଉତୀର୍ଣ୍ଣ ମଧ୍ୟ କରାଇବାରେ ସହାୟକ ହୋଇଥାନ୍ତି । ଷୋଡ଼ଶ ଶତାବ୍ଦୀର ଆରମ୍ଭରେ କଳାପାହାଡ଼ ଶ୍ରୀମନ୍ଦିରକୁ ଆକ୍ରମଣ କରିଛି , ମନରେ ତାହାର ରହିଛି ଗଭୀର ରୋଷ ପଣ୍ଡା ପଟ୍ଟିହାରୀ ଆଉ ବିଶେଷ କରି ଶ୍ରୀଜଗନ୍ନାଥଙ୍କ ଉପରେ । ତାହାର ପ୍ରତିଜ୍ଞା ଉଦ୍ଭବ କଳା ସ୍ଥାପତ୍ୟର ଘୋର କ୍ଷତି ସାଧନ କରିବା ପାଇଁ, ସେବେଠେକେଳୁ ଜଗନ୍ନାଥଙ୍କ କୃପାରୁ ବିଶର ମହାନ୍ତି ବ୍ରହ୍ମ ପଦାର୍ଥକୁ ଉଦ୍ଧାର କରିଛନ୍ତି, ସେ ବ୍ରହ୍ମ ପଦାର୍ଥ ତୁଳା ପରି ନରମ ନା ପଥର ପରି ଟାଣ.... ଏ ପ୍ରଶ୍ନ ସମସ୍ତଙ୍କ ମନରେ.... ଆସନ୍ତୁ ଆମେ ମଧ୍ୟ ବିଶର ମହାନ୍ତି ହୋଇ ଜାଣିବାକୁ ଅନୁଭବ କରିବା ଓ ସେ ବ୍ରହ୍ମର ଅସ୍ତିତ୍ୱ କରିବା... ସେ ବ୍ରହ୍ମ ତୁଳା ପରି ନରମ ନା ପଥର ପରି ଟାଣ ତାହା ମଂସ୍ଥ କରିଥିଲା ବି ବିଭିଭିଇ, ରାଉରକେଲା ନାଟ୍ୟନୁଷ୍ଠାନ । କାହାଣୀ ଚରୟିତା ବଦ୍ରିମିଶ୍ର,ନାଟ୍ୟ ରୂପ ବିନୁୟ ତ୍ରିପାଠୀ, ନାଟ୍ୟ ନିର୍ଦ୍ଦେଶିକା ସୁଲିପ୍ତା ଜେନା ଥିବା ବେଳେ, ନାଟକର କିଛିନ୍ନ ଚରିତ୍ରରେ - ଶ୍ରୀକାନ୍ତ ଚୌଧୁରୀ, ରାଜେଶ ପ୍ରସାଦ, ନନ୍ଦନ ମୁଖାର୍ଜୀ, ବିନରଞ୍ଜନ ସାମଲ, ପ୍ରତ୍ୟୁଷ ପାଢ଼ୀ, ଜର୍ଜ କିଲୁଙ୍ଗ, ସୋମ୍ୟରଞ୍ଜନ ସାହୁ,ସୁଲିପ୍ତା ଜେନା, ବର୍ଷା ପ୍ରିୟଦର୍ଶିନୀ ରାଉତ ଜୀବନ୍ତ ଅଭିନୟ କରିଥିଲେ । ନାଟ୍ୟ ସଂଗୀତ ସଂଯୋଜନା କରିଥିଲେ ସୁଲିନ ରାଉତରାୟ,ସହଯୋଗୀ ଭାବେ ଲକ୍ଷ୍ମୀନାରାୟଣ ଦୋରା ପ୍ରଚ୍ଛଦପଟ ସ୍ୱର ସଂଯୋଜନା କରିଥିଲେ ।

ରାଉରକେଲା ସ୍ପୋର୍ଟ୍ସ ଆସୋସିଏସନ କ୍ରିକେଟ ଏକାଡେମୀର ସଫଳତା

ରାଉରକେଲା,୩/ ୧୨(ନି/ପ୍ର):ରାଉରକେଲା ସ୍ପୋର୍ଟ୍ସ ଆସୋସିଏସନ କ୍ରିକେଟ ଏକାଡେମୀର ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି । ଏକାଡେମୀ ଗଠନ ହେବାଠାରୁ ନିୟମିତ ବ୍ୟବଧାନରେ ଏହି ଏକାଡେମିର ଖେଳାଳି ମାନେ ଓଡିଶାକୁ ପ୍ରତିନିଧିତ୍ୱ କରିଆସୁଛନ୍ତି । ଏହି ଏକାଡେମି ମଧ୍ୟ ଲୁକେଲେ ଟୁର୍ନାମେଂଟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆୟୋଜିତ ହେଉଥିବା ଟୁର୍ନାମେ[ରେ ଭାଗ ନେଇ ବିଜେତା ଓ ଉପବିଜେତା ହେଇଛନ୍ତି ।ଏହି ଏକାଡେମୀ ବିଗତ ବର୍ଷ ତିନି ଜଣ ଯୁବ ଉଦୀୟମାନ କୁମିଶର ଖେଳାଳି ଓଡିଶାକୁ ପ୍ରତିନିଧିତ୍ୱ କରିଛନ୍ତି ।ସେହି ତିନି ଜଣ ଉଦୀୟମାନ ଖେଳାଳି ହେଲେ ରାଜ ଯାଦବ, ମହେଶ କୁମାର ସାହୁ ଓ ସୀବାନ ମାଝୀ । ଏହି ତିନି ଜଣ ମଧ୍ୟରୁ ସତ୍ୟଦେବ ଯାଦବ ଓ ସୋମନାଥି ଯାଦବଙ୍କ ପୁତ୍ର ରାଜ ଯାଦବ ବାମ ହାତୀ ଅଫ ସ୍ପିନର ନିଜର ଉନ୍ନତ ପ୍ରଦର୍ଶନ କରି ଚଳିତ ବର୍ଷ ଓଡିଶା ଅଣ୍ଡର-୧୯ ଲୁଜ ବିଜାର ଟ୍ରଫି ପାଇଁ ଓଡିଶାର ପ୍ରତିନିଧିତ୍ୱ କରୁଛନ୍ତି ତା ସାଙ୍ଗରେ ଓଡିଶା ପ୍ରିମିୟର ଟି - ୨୦ ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ ଯୋଗୁ ଆଜି ସେ ସିନିୟର କ୍ରିକେଟ ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ନାମେଂଟ ପାଇଁ ମଧ୍ୟ ଓଡିଶାର ପ୍ରତିନିଧିତ୍ୱ କରୁଛନ୍ତି । ସେହିପରି ପ୍ରବୀପ ସାହୁ ଓ ସୁଲତା ସାହୁଙ୍କ ଏକ ମାତ୍ର ପୁତ୍ର ମହେଶ କୁମାର ସାହୁ ତାହାର ହାତୀ ଡୁଡ ବୋଲର ନିଜର ଉଚ୍ଚ ଭୋଟିର ଖେଳ ପ୍ରଦର୍ଶନ କରି ଚଳିତ ବର୍ଷ ଓଡିଶା ଅଣ୍ଡର-୧୯ ଲୁଜ ବିଜାର ଟ୍ରଫି ପାଇଁ ଓଡିଶାର ପ୍ରତିନିଧିତ୍ୱ କରୁଛନ୍ତି । ଆଉ ଜଣେ ଉଦୀୟମାନ ଯୁବ କ୍ରିକେଟର ଖେଳାଳି, ବଣ୍ଡମୁଣ୍ଡା ନିବାସୀ ସୁରଜ ମାଝୀ ଓ ସଂସୁଲା ମାଝୀ ଙ୍କର ବଡ ପୁଅ ସୀବାନ ମାଝୀ ତାହାର ହାତୀ ଲେଗ ସ୍ପିନର ନିଜର ଉନ୍ନତ ପ୍ରଦର୍ଶନ କରିଆରେ ସେ ଆଜି ଓଡିଶା ଅଣ୍ଡର -୧୬ ବିଜୟ ମର୍ଚାଣ୍ଟ ଟ୍ରଫି ପାଇଁ ଓଡିଶାର ପ୍ରତୋନିଧିତ୍ୱ କରିବେ । ଏହି ଉଦୀୟମାନ କ୍ରିକେଟ ଖେଳାଳି ମାନଙ୍କର କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ଆଜି ସେମାନେ ସଫଳତାର ପାହାଡରେ ପହଁଚିପାରିଛନ୍ତି । ଏହି ଖେଳାଳି ମାନଙ୍କର ପ୍ରଦର୍ଶନ ଓ ସଫଳତା ପାଇଁ ରାଉରକେଲା ସ୍ପୋର୍ଟ୍ସ ଆଶୁସିଏସନ କ୍ରିକେଟ ଏକାଡେମୀର ସଦସ୍ୟ ମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ଉଦୀୟମାନ ଖେଳାଳି ମାନଙ୍କୁ ଉପଯୁକ୍ତ କ୍ୟାରିୟର ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୁଖ୍ୟ ପ୍ରଶିକ୍ଷକ ଓଡିଶା କ୍ରିକେଟ ଟିମର ପୂର୍ବତନ ଅଧିନାୟକ ଓ ଲଷ୍ଟ ଜୋନର ପୂର୍ବତନ ଅଧିନାୟକ ନଟରାଜ ବେହେରାଙ୍କ ନିରନ୍ତର ପ୍ରଚେଷ୍ଟା ଓ ନିଖୁଣ ପ୍ରଶିକ୍ଷଣରେ ଆଜି ଏହି ଏକାଡେମିର ଖେଳାଳି ମାନେ ନିଜ ନିଜର ପ୍ରତିଭା ପ୍ରତିପାଦନ କରିପାରୁଛନ୍ତି ଓ ଆଗାମୀ ଦିନରେ ଆହୁରି ଅନେକ ଯୁବ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା ଜାରିରହିବା । ସେହିପରି ସହକାରୀ ପ୍ରଶିକ୍ଷକ ଶୁଭେନ୍ଦୁ ପଣ୍ଡା ତାଙ୍କୁ ପ୍ରତିଟି କ୍ଷେତ୍ରରେ ନିଜେ ନିଜକୁ ଫିଟ ରଖିବା ସଙ୍ଗେ ସଙ୍ଗେ ମାନସିକ ଓ ଶାରୀରିକ ଭାବରେ କେମିତି ବିଭିନ୍ନ ପ୍ରତିଯୋଗିତାପାଇଁ ପ୍ରସ୍ତୁତ ହେବ ଓ କେମିତି ସଫଳତା ପାଇବେ ସେଥିପାଇଁ ଧ୍ୟାନ ଦେବା ଓ ସବା ସର୍ବବା ଚେଷ୍ଟା କରିବା ଏବଂ ଆଗାମୀ ଦିନରେ ସଫଳତା ହାସଲ କରିବା । ଏହି ସଫଳତା ପାଇଁ ଏକାଡେମୀ ର ସିନିୟର ସଦସ୍ୟ ଅଜିତକର ଜୟଶ୍ୱାଳ, ରିଶେଶ ପାଣ୍ଡେ, ଶୁଭଙ୍କର ବିଶ୍ୱାସ, ମ୍ରିତୁଲ ପାଣ୍ଡେ ଶୁଭେଚ୍ଛା